ବର୍ଷ-୨୫, ସଂଖ୍ୟା-୯୪
ଭୁବନେଶ୍ୱର
୦୬, ଏପ୍ରିଲ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 94
Bubaneswar
06 April, 2025, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୧୧ରୁ ଲାଗୁ ହେବ 'ଆୟୁଷ୍ମାନ' ଭାରତ

**ଭୁବନେଶ୍ୱର, ୫।୪ (ମହାଭରତ):** ଆସନ୍ତା ୧୧ ତାରିଖ ଠାରୁ ରାଜ୍ୟରେ ଲାଗୁ ହେଉଥିବା ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟର ସାଢ଼େ ୩କୋଟି ହିତାଧିକାରୀ ଉପକୃତ ହେବେ ବୋଲି ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆଜି ବିଧାନସଭା ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହି ଆୟୁଷ୍ମାନ ଭାରତ ଯୋଜନା ସହିତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମଧ୍ୟ ସଂଯୁକ୍ତ କରାଯାଇଛି। ସେ କହିଛନ୍ତି ଯେ ଏହାଫଳରେ କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଯୋଗ୍ୟ ଓଡ଼ିଆ ହିତାଧିକାରୀମାନେ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ପାଇପାରିବେ। କେବଳ ପଶ୍ଚିମବଙ୍ଗକୁ ବାଦ ଦେଇ ସବୁଆଡେ ଏହି ସୁବିଧା ଉପଲବ୍ଧ ହେବ। ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ କୌଣସି ପରିବାରରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଥିଲେ ତାଙ୍କୁ ସର୍ବାଧିକ ୧୫ ଲକ୍ଷ ଟଙ୍କାର ମାଗଣା ସ୍ୱାସ୍ଥ୍ୟ ସୁବିଧା ମିଳିବ ଏବଂ ଏହି ସୁବିଧା ଦେଶର ତଥା ରାଜ୍ୟର ୨୯ ହଜାରରୁ ଉର୍ଦ୍ଧ୍ୱ ଘରୋଇ ଓ ସରକାରୀ ମେଡିକାଲରେ ମିଳିପାରିବ।

ଓଡିଶାବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ହିଁ ରାଜ୍ୟ ସରକାରଙ୍କ ପାଇଁ ସର୍ବୋତ୍ତମ ସମ୍ପଦ। କେନ୍ଦ୍ର ସରକାର ଏବଂ ଓଡିଶା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ କ୍ରମରେ ଚଳିତ ମାସ ୧୧ ତାରିଖରେ ଓଡିଶାବାସୀଙ୍କ ବହୁପ୍ରତିକ୍ଷିତ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ସଂଯୁକ୍ତ ଯୋଜନାର ସ୍ୱାସ୍ଥ୍ୟ କାର୍ଡ଼ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଡ଼ଃ ମହାଲିଙ୍ଗ ସୂଚନା ଦେଇଛନ୍ତି।

ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବ କଟକର ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବଙ୍କ ସମେତ ସ୍ଥାନୀୟ ନେତୃମଣ୍ଡଳୀ ଏହି ମହାର୍ଘ କାର୍ଯ୍ୟକ୍ରମରେ ଯୋଗଦେବାର ଅଛି ବୋଲି ମନ୍ତ୍ରୀ ଡ଼ଃ ମହାଲିଙ୍ଗ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା ସହିତ ସମ୍ପୃକ୍ତ ଅଂଚଳର ମାନ୍ୟଗଣ୍ୟ ବ୍ୟକ୍ତି, ନେତୃମଣ୍ଡଳୀ ଓ ଜନସାଧାରଣଙ୍କୁ ନେଇ ରାଜ୍ୟବ୍ୟାପୀ ଲୋକାର୍ପଣ ଏବଂ ଲୋକଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ୧୪୦୫ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ବିଶାଳତା ଓ ବିପୁଳ ଜନସମାଗମକୁ ଲକ୍ଷ୍ୟରଖି କାର୍ଯ୍ୟକ୍ରମସ୍ଥଳରେ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିବାପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ଏକମାତ୍ର ଲକ୍ଷ୍ୟ ଧାଡ଼ିର ଶେଷ ବ୍ୟକ୍ତି ଯେମିତି ସୁବିଧାରେ କାର୍ଡ ଓ ଅନ୍ୟାନ୍ୟ ସୁବିଧା ପାଇପାରିବ ବୋଲି ସେ କହିଛନ୍ତି ।

ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକ ମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯିବ। ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩, ୧୨, ୯୭୯ ରହିଛି। ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ି ହେବେ । ଏହା ଦ୍ୱାରା ରାଜ୍ୟର ସମୁଦାୟ ୩.୫ କୋଟି ଲୋକ ଉପକୃତ ହେବେ। ପ୍ରତ୍ୟେକ ପରିବାର ପିଛା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପରିବାରର ମହିଳା ହିତାଧିକାରୀଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସେବା ପ୍ରଦାନ କରାଯିବ। ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ପାଇପାରିବେ।

ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ଼ ମିଳିଥିଲା। ଏବେ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ ଲେଖାଏଁ କାର୍ଡ ପ୍ରଦାନ କରାଯିବ ଯାହାଫଳରେ ବିଶେଷକରି ରାଜ୍ୟ ବାହାରେ ରହୁଥିବା ହିତାଧିକାରୀମାନଙ୍କୁ ଆଉ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରେ କୌଣସି ଅସୁବିଧା ହେବନାହିଁ। ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି।

ନୂତନ ଏକକ କାର୍ଡ଼ ପାଇବା ପର୍ଯ୍ୟନ୍ତ ହିତାଧିକାରୀମାନେ ତାଲିକାଭୁକ୍ତ ହସ୍ପିଟାଲ ମାନଙ୍କରେ ନିଜର ଆଧାର କାର୍ଡ଼/ବର୍ତ୍ତମାନ ପାଖରେ ଥିବା ସ୍ୱାସ୍ଥ୍ୟ କାର୍ଡ଼ ନମ୍ବର ଦେଇ ଚିକିତ୍ସା ପାଇପାରିବେ। ଏହାକୁ ନେଇ କେହି ସଂଚୟ ପ୍ରକାଶ କରିବା ଅନୁଚିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସାଧାରଣ ଜନ ସେବା କେନ୍ଦ୍ର ଗୁଡିକ ସମ୍ପୃକ୍ତ ଅଞ୍ଚଳର ଆଶାକର୍ମୀ/ବହୁମୁଖୀ ଜନ ସ୍ୱାସ୍ଥ୍ୟ କର୍ମୀ ମାନଙ୍କ ସହାୟତାରେ ହିତାଧିକାରୀ ମାନଙ୍କୁ କାର୍ଡ଼ ବଣ୍ଟନ କରିବେ। କାର୍ଡ଼ ବଣ୍ଟନର ତାରିଖ ଆଗୁଆ ଜଣାଇ ଦିଆଯିବ। ଆଗାମୀ ଦୁଇ/ତିନି ମାସ ମଧ୍ୟରେ ୩.୫ କୋଟି ନୂତନ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ସରକାର ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି।

୨୦୧୮ରେ ଆୟୁଷ୍ମାନ ଭାରତ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ଓଡ଼ିଶା ସାମିଲ ନହେବା କାରଣରୁ ରାଜ୍ୟ ପାଖାପାଖି ୩୦୦୦ କୋଟି ଟଙ୍କା କେନ୍ଦ୍ର ଅନୁଦାନ ପାଇବାରୁ ବଞ୍ଚିତ ହୋଇଛି ବୋଲି ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ଏବେ ଏହି ଆର୍ଥିକ ଅନୁଦାନ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବ।

ପୂର୍ବରୁ କେବଳ ୧୬ଟି ରାଜ୍ୟରେ ୯୦୦ଟି ତାଲିକାଭୁକ୍ତ ହସ୍ପିଟାଲରେ ସ୍ୱାସ୍ଥ୍ୟ ସେବା ଓଡ଼ିଆ ଲୋକ ମାନେ ପାଇପାରୁଥିଲେ କିନ୍ତୁ ଏବେ ଦେଶର ୨୯,୦୦୦ ତାଲିକାଭୁକ୍ତ ଅଗ୍ରଣୀ ଘରୋଇ ଏବଂ ସରକାରୀ ଚିକିତ୍ସାଳୟରେ ଦେୟମୁକ୍ତ ଚିକିତ୍ସା ସେବା ପାଇପାରିବେ। ବୟୋ ବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକମାନଙ୍କୁ ମଧ୍ୟ ୨୯,୦୦୦ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପାଇପାରିବେ। କାଶ୍ମୀର ଠାରୁ କନ୍ୟାକୁମାରୀ (ପଶ୍ଚିମ ବଙ୍ଗ ବ୍ୟତୀତ) ଭାରତର କୋଣ ଅନୁକୋଣରେ ଯୋଗ୍ୟ ଓଡ଼ିଆ। ହିତାଧିକାରୀମାନଙ୍କର ଆଉ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଅସୁବିଧା ରହିବ ନାହିଁ ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି।

କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଆସନ୍ତା ୨/୩ ମାସ ଯାଏଁ ଚାଲିବ କୌଣସି ପରିବାରର ସଦସ୍ୟ ଅନ୍ୟ ସଦସ୍ୟଙ୍କ କାର୍ଡ ଉପଯୁକ୍ତ ଡକ୍ୟୁମେଣ୍ଟ ଦାଖଲ କରି ନେଇପାରିବେ। ତା'ସହ କାର୍ଡରେ ଯଦି କିଛି ଅନିଚ୍ଛାକୃତ ତ୍ରୁଟି ଥାଏ ତାହେଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ଅଳ୍ପ ଦିନ ମଧ୍ୟରେ ନିର୍ଭୁଲ କାର୍ଡ ପ୍ରଦାନ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଇଛି। ତେଣୁ ଜନସାଧାରଣ ବ୍ୟସ୍ତ ବିବ୍ରତ ହେବାର କୌଣସି କାରଣ ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ



**ଯାଜପୁର, ୫।୪ (ମହାଭରତ):** ପାଣିକୋଇଲି ଥାନା ପୁରୁଣା ଟୋଲଗେଟ ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ବାଇକକୁ ଧକ୍କା ଦେଲା ଅଜଣା ଗାଡ଼ି। ଏହି ଦୁର୍ଘଟଣାରେ ୪ ବର୍ଷର ପୁଅ ଆଗରେ ଚାଲିଗଲା ବାପା-ମାଆଙ୍କର ଜୀବନ। ଦୁର୍ଘଟଣାରେ ଗୁରୁତର ହୋଇଥିବା ବାପାଙ୍କର ଚିକିତ୍ସାଧୀନ ଅବସ୍ଥାରେ ହେଲା ମୃତ୍ୟୁ। ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ପୁରୁଣା ଟୋଲଗେଟ୍ ନିକଟରେ ଏଭଳି ଘଟଣା ଘଟିଛି।

ସୂଚନା ମୁତାବକ, ଗୋଟିଏ ପରିବାରର ବାପା, ମାଆ। ଓ ତାଙ୍କର ଏକ ୪ ବର୍ଷର ଶିଶୁପୁତ୍ର ଏକ ବାଇକ୍ ଯୋଗେ କୁଆଖିଆ। ଆଡୁ ପାଣିକୋଇଲି ଅଭିମୁଖେ ଯାଉଥିଲେ। ଏହି ସମୟରେ ପୁରୁଣା ଟୋଲଗେଟ୍ ନିକଟରେ ହଠାତ୍ ଏକ ଅଜଣା ଗାଡି ବାଇକଟିକୁ ଧକ୍କା ଦେଇ ଫେରାର୍ ହୋଇଥିଲା। ଘଟଣାସ୍ଥଳରେ ମାଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ପୋଲିସ ସହାୟତାରେ ଗୁରୁତର ବାପାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ହେଲେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ୪ ବର୍ଷର ଶିଶୁପୁତ୍ରକୁ ପାଣିକୋଇଲି ପୋଲିସ ହେପାଯତକୁ ନେଇ ଥାନାରେ ରଖାଯାଇଛି। ଏହାସହ ମୃତଦେହ ଦ୍ୱୟ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି ପୋଲିସ।

# ୭ରେ ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୪ (ମହାଭରତ):** ଆସନ୍ତା ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଉଛନ୍ତି। ସେ ସେଠାରେ ୮ ତାରିଖ ଦିନ ଅନୁଷ୍ଠିତ ନିବେଶକ ମାନଙ୍କ ସମ୍ମିଳନୀରେ ଯୋଗଦେବେ। ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ଦେଶର ପ୍ରତିଷ୍ଠିତ ପୁଞ୍ଜିପତି ମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ନାପ୍ଥା କ୍ରାକର ପ୍ରକଳ୍ପ ପାଇଁ ଆଇଓସିଏଲ ସହିତ ଏମ୍ଓୟୁ ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ତାଙ୍କ ଦିଲ୍ଲୀ ଗସ୍ତ ସମୟରେ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ଯୋଜନା ମଧ୍ୟ ରହିଛି। ଏହାପରେ ସେ ଆସନ୍ତା ୯ ତାରିଖରେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ ଯୋଗୁଁ ଆସନ୍ତା ୭ ତାରିଖ ଦିନ ଭୁବନେଶ୍ୱର ବାସଭବନରେ ହେବାକୁ ଥିବା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ।

# ଆତ୍ମସମର୍ପଣ କଲେ ୮୬ ମାଓବାଦୀ



**ହାଇଦ୍ରାବାଦ, ୫।୪ (ଏଜେନ୍ସି):** ପୁଣି ତେଲେଙ୍ଗାନାରେ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି ଛତିଶଗଡ଼ର ୮୬ ମାଓବାଦୀ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଭିତରୁ ୨୦ ଜଣ ମହିଳା ମାଓବାଦୀ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ମାଓବାଦୀ ଛତିଶଗଡ଼ର ବିଜାପୁର ଏବଂ ସୁକମା ଅଞ୍ଚଳର ବୋଲି ଜଣାପଡିଛି।

ତେବେ ଜଙ୍ଗଲରେ ଏଭଳି ହିଂସ୍ର ଜୀବନ ଛାଡି ସେମାନେ ସେମାନଙ୍କ ପରିବାର ସହ ବାକି ତକ ଜୀବନ ବିତାଇବାକୁ ଆତ୍ମସମର୍ପଣ କରିଥିବା କହିଛନ୍ତି। ପୂର୍ବରୁ ବିଜାପୁର ଜେଲରେ ୫୦ ମାଓବାଦୀ ମଧ୍ୟ ଆତ୍ମସମର୍ପଣ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବସ୍ତର ଗସ୍ତ ସମୟରେ ନକ୍ସଲ ବିରୋଧୀ ଅଭିଯାନକୁ ମିଳିଛି ଏହି ବଡ ସଫଳତା।

ଭଦ୍ରାଦୀ କଥାଗୁଡ୍ଡମ ଜିଲ୍ଲା ପୁଲିସ ନିକଟରେ ୮୧ ନକ୍ସଲ ଆତ୍ମସମର୍ପଣ କରିଥିବା ବେଳେ ସେଥିରୁ ଏସିଏମ ଜଣେ, ପାର୍ଟି ମେମ୍ବର ୩ ଜଣ, ମିଲିସିଆ ସଦସ୍ୟ ୨୭ ଜଣ, କମିଟି ସଦସ୍ୟ ୮ଜଣ, ଡିଏକେଏମଏସ ସଦସ୍ୟ ୨୦ ଜଣ, ସିଏନଏମ ସଦସ୍ୟ ୧୩ ଜଣ ଏବଂ ଜିଆରଡି ସଦସ୍ୟ ୯ ଜଣ। ସେହିପରି ମୁଲୁଗୁ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ୫ ଜଣ ନକ୍ସଲ ମଧ୍ୟରୁ ଏସିଏମ ୩ ଜଣ, ପାର୍ଟି ମେମ୍ବର ଜଣେ ଏବଂ ମିଲିସିଆ କମାଣ୍ଡର ଜଣେୟ ସମସ୍ତ ନକ୍ସଲଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇ ଥିବା ବେଳେ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

ସମସ୍ତ ନକ୍ସଲ ହତିଆର ସହ ଆତ୍ମସମର୍ପଣ କରିଛନ୍ତି। ଏହି ନକ୍ସଲମାନେ ଦୀର୍ଘ ଦିନରୁ ଛତିଶଗଡ ବିଜାପୁର, ସୁକମା ଓ ଦାନ୍ତେୱାଡାରେ ନକ୍ସଲ ଅପରେସନରେ ସକ୍ରିୟ ଥିଲେ। ତେବେ ତେଲେଙ୍ଗାନା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନକ୍ସଲ ବିରୋଧୀ ଅଭିଯାନ 'ଚେୟୁଥା' ଅପରେସନ୍ ସମୟରେ ସୁରକ୍ଷା ବଳକୁ ଏଭଳି ସଫଳତା ମିଳିଛି। ଯାହା ମୋଦୀ ସରକାରଙ୍କ ନକ୍ସଲ ମୁକ୍ତ ଭାରତ ସ୍ୱପ୍ନକୁ ସାକାର କରିବାକୁ ବାଟ କଢାଇଛି।

# ବାୟୋ ମିଥାନେସନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ




**ଭୁବନେଶ୍ୱର, ୫।୪ (ମହାଭରତ):** କଟକର ଜଗତପୁର ଅଞ୍ଚଳରେ ୨୦୦ ଟନ୍ ବିଶିଷ୍ଟ ବାୟୋ ମିଥାନେସନ୍ ପ୍ଲାଣ୍ଟ ସ୍ଥାପନ ପାଇଁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ୱାବଧାନରେ ଆଜି କଟକ ମହାନଗର ନିଗମ ଏବଂ ଅଏଲ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହେବାକୁ ଥିବା ଏହି ପରିବେଶ ଅନୁକୂଳ ବାୟୋ-ଗ୍ୟାସ୍ ପ୍ରକଳ୍ପ, ଇନ୍ଧନ ତୈଳର ଏକ ବିକଳ୍ପ ଭାବେ ବ୍ୟବହାର ହୋଇପାରିବ ଏବଂ ଏଥିରୁ ଉତ୍ପାଦିତ ଜୈବସାର, ଅର୍ଗାନିକ ଫାର୍ମିଂକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହି ପ୍ଲାଣ୍ଟ ପ୍ରତିଷ୍ଠା ହେବା ଦ୍ୱାରା ଅପରିଚାଳିତ ବର୍ଜ୍ୟବସ୍ତୁର ପ୍ରକ୍ରୀୟାକରଣ କରାଯାଇପାରିବ ଏବଂ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ସହ ଲୋକମାନଙ୍କର ଜୀବନଧାରଣର ମାନ ବୃଦ୍ଧି ହେବନ୍ଷ ଏହାସହ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ। ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ହେବାକୁ ଥିବା ଏହି ପରିବେଶ ଅନୁକୂଳ ବାୟୋ-ଗ୍ୟାସ୍ ପ୍ରକଳ୍ପ, ଇନ୍ଧନ ତୈଳର ଏକ ବିକଳ୍ପ ଭାବେ ବ୍ୟବହାର ହୋଇପାରିବ ଏବଂ ଏଥିରୁ ଉତ୍ପାଦିତ ଜୈବସାର, ଅର୍ଗାନିକ ଫାର୍ମିଂକୁ ମଧ୍ୟ ପ୍ରୋତ୍ସାହିତ କରିବ। ସିଡ଼ିଏ କାର୍ଯ୍ୟାଳୟ ଠାରେ କଟକ ଉନ୍ନୟନ କର୍ତ୍ତୃପକ୍ଷର ବରିଷ୍ଠ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ସହରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ କଟକର ବିକାଶ କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ବିଜେଡ଼ିରେ ପାଣ୍ଡିଆନ ଝଡ ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ

**ଭୁବନେଶ୍ୱର, ୫।୪ (ମହାଭରତ):** ବିଜେଡ଼ି ସାଂସଦ ବର୍ତ୍ତମାନ ତିନି ଭାଗରେ ବିଭକ୍ତ ହୋଇଛନ୍ତି। ଗୋଟିଏ ଭାଗ କେନ୍ଦ୍ର ସରକାରଙ୍କ ୱାକଫ ବିଲ୍‌କୁ ସମର୍ଥନ କରିଥିବା ବେଳେ ଆଉ ତିନିଜଣ ବିରୋଧ କରିଛନ୍ତି ଏବଂ ଜଣେ ଭୋଟଦାନରୁ ବିରତ ରହିଛନ୍ତି। ଏହି ଘଟଣାକୁ ନେଇ ବିଜେପି ଓ ବିଜେଡ଼ି ମଧ୍ୟରେ ଏକ ବଡ ଧରଣର ଡିଲ୍ ହୋଇଛି ବୋଲି ଉଭୟ ବିଜେଡ଼ି ଓ କଂଗ୍ରେସ ଅଭିଯୋଗ କରିଛି। ଏହି ଅଭିଯୋଗ ମଧ୍ୟରେ ଭୋଟଦାନରୁ ବିରତ ରହିଥିବା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଦଳର ସଭାପତିଙ୍କ ମୁଖ୍ୟ ପରାମର୍ଶ ସାଜିଥିବା ବ୍ୟକ୍ତିଙ୍କ ଉପରେ ସମ୍ପୂର୍ଣ୍ଣ ଦୋଷ ଲଦିଛନ୍ତି ଏବଂ ସେ ହିଁ ଏଭଳି ଏକ ବଡ ଡିଲ୍ କରି ବିଜେଡ଼ିକୁ ଧ୍ୱଂସ କରିବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସେ ବାରମ୍ବାର ମୁଖ୍ୟ ପରାମର୍ଶଦାତାଙ୍କ ନାମ ଏବେ ବି ଖୋଲାଖୋଲି ଭାବରେ ପ୍ରକାଶ ନକରି ବୁଲେଇ ବଙ୍କେଇ ପାଣ୍ଡିଆନଙ୍କ ଆଡ଼କୁ ବାଣ ମାରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଯେଉଁ ବ୍ୟକ୍ତି ଜଣକ ସରକାରୀ ଚାକିରୀରୁ ଅବସର ନେଇ ବର୍ତ୍ତମାନ ଦଳର ସଭାପତିଙ୍କ ମୁଖ୍ୟପରାମର୍ଶଦାତା ସାଜିଛନ୍ତି ଓ ଦଳକୁ ନିଜ ଦେବାଶିଷ ଆହୁରି କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କର ୱାକଫ ବିଲ୍‌କୁ ବିଜେଡ଼ି ରାଜ୍ୟସଭାରେ ବିରୋଧ କରିବ ବୋଲି ଦୁଇଥର,



ଥରେ ନବୀନ ନିବାସରେ ଓ ଆଉ ଥରେ ଇଫତାର ପାର୍ଟିରେ ଦୃଢ଼ଭାବରେ କହିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ କାହା ନିର୍ଦ୍ଦେଶରେ ବିଜେଡ଼ି ତା'ର ଆଭିମୁଖ୍ୟ ବଦଳାଇଲା ତାହା ତଦନ୍ତ କରାଯିବା ଆବଶ୍ୟକ। ଏହି ବିଲ୍ ଉପରେ ବିଜେଡ଼ି ବିବେକ ଅନୁଯାୟୀ ଭୋଟ୍ ଦେବା ପାଇଁ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର କିପରି ଓ କାହା ନିର୍ଦ୍ଦେଶରେ ଟୁଇଟ କରି ସାଂସଦମାନଙ୍କୁ ଜଣାଇଲେ ତାହାର ମଧ୍ୟ ଖୁଲାସା ହେବା ଦରକାର। ଶ୍ରୀ ସାମନ୍ତରାୟ ଏଥିପାଇଁ ନବୀନ ପଟ୍ଟନାୟକ ଓ ସସ୍ମିତ ପାତ୍ରଙ୍କୁ କୌଣସି ଦୋଷନଦେଇ ପରୋକ୍ଷରେ ସେ ସମସ୍ତ ଦୋଷ ପାଣ୍ଡିଆନଙ୍କ ଉପରେ ଲଦିଦେଇଛନ୍ତି। ଶ୍ରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ ତାଙ୍କ ନିର୍ବାଚନ ମଣ୍ଡଳୀରେ ୫୦ ହଜାରରୁ ଉର୍ଦ୍ଧ୍ୱ ମୁସଲିମ ଭୋଟର ଅଛନ୍ତି। ସେମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଏବଂ ବିଜେଡ଼ିର ଏ ପ୍ରକାରର ଦ୍ୱନ୍ଦ୍ୱାତ୍ମକ ନିର୍ଦ୍ଦେଶାବଳୀର ବିରୁଦ୍ଧାଚରଣ କରି ସେ ତାଙ୍କ ବିବେକ ଅନୁଯାୟୀ ଭୋଟ ଦାନରୁ ବିରତ ରହିଥିଲେ। ତାଙ୍କ ପଛକୁ ଏକଦା ବିଜେଡ଼ିର ପ୍ରଭାବଶାଳୀ ମନ୍ତ୍ରୀ ଥିବା ପ୍ରତାପ ଜେନା ମଧ୍ୟ ଅନୁରୂପ ଭାବେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଚ୍ୟାଲେଞ୍ଜ କରି ପତ୍ର ଲେଖିବା ଓ ୱାକଫ ବିଲ୍ ଉପରେ ବିଜେଡ଼ିର ଏପରି ଦୋମୁହାଁ ନୀତି ପାଇଁ ଦଳ ଲୋକମାନଙ୍କର ଆସ୍ଥା ହରାଉଛି ବୋଲି ଅଭିଯୋଗ କରିବା ପରିସ୍ଥିତିକୁ ଅଧିକ ଜଟିଳ କରିଦେଇଛି।

**ଭୁବନେଶ୍ୱର, ୫।୪ (ମହାଭରତ):** ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଓଡ଼ିଆ। ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ହେଉଛି ଆଜିର ଗଣଦୌଡ଼ର ମୁଖ୍ୟ ଲକ୍ଷ୍ୟ। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମ ଥର କରି ପାଳନ କରାଯାଉଥିବା ଓଡ଼ିଆ। ପକ୍ଷ ଏବଂ ଆଜିର ଗଣଦୌଡ଼ରେ ସାମିଲ ହୋଇ ସମସ୍ତ ଐତିହ୍ୟସ୍ଥଳୀର ସଂରକ୍ଷଣ କରିବା ସହିତ ଆମ ଓଡ଼ିଶାର କଳା-ଶିଳ୍ପ-ସ୍ଥାପତ୍ୟ-ଐଶ୍ୱର୍ଯ୍ୟକୁ ପୁନଶ୍ଚ ବିଶ୍ୱବିଦିତ କରାଇବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ବୋଲି କହିଛନ୍ତି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ। ଭାଷା, ସାହିତ୍ୟ, ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି ଓଡ଼ିଆ। ପକ୍ଷ ପାଳନର



ପଞ୍ଚମ ଦିବସ ଅବସରରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହା ଭୁବନେଶ୍ୱରର ଖଣ୍ଡଗିରି ଠାରୁ ଆରମ୍ଭ କରି କଳିଙ୍ଗ ଷ୍ଟୁଡ଼ିଓ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଖଣ୍ଡଗିରିର ଗୌରବମୟ ଇତିହାସକୁ ଜୀବନ୍ତ କରି ଗଢ଼ି ତୋଳିବା ପାଇଁ ଏହି ଗଣଦୌଡ଼ରେ ଆଜି ଶହଶହ ଲୋକ ସାମିଲ ହୋଇଥିଲେ। ଏଥିସହିତ ଓଡ଼ିଆ। ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବା ସହିତ ସମସ୍ତେ ଆଜି ଓଡ଼ିଆ। ପିଠାପଣା ଖାଇ ଅତ୍ୟନ୍ତ ଆନନ୍ଦର ସହିତ ଏହି ଗଣଦୌଡ଼ ଉତ୍ସବକୁ ପାଳନ କରିଥିଲେ। ଏଥିସହିତ ଖଣ୍ଡଗିରିର ସୌନ୍ଦର୍ଯ୍ୟ ଏବଂ ବୈଭବକୁ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ। ପକ୍ଷ ପାଳନ ୱେବସାଇଟ୍ (ଓଡ଼ିଆ।ପକ୍ଷ. କମ୍)ରେ ଅପଲୋଡ଼ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ବିଶିଷ୍ଟ ରାଜନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଚଳଚ୍ଚିତ୍ର ଜଗତର ବିଶିଷ୍ଟ କଳାକାର ଶ୍ରୀ ସବ୍ୟସାଚୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଫୁଲ କୋବି ମଞ୍ଚୁରିଆନ୍

ଆବଶ୍ୟକ ସାମଗ୍ରୀ: ଫୁଲ କୋବି, ମଇଦା, କର୍ଣ୍ଣ ଫ୍ଲୋର, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଲୁଣ, ତେଲ

ମଞ୍ଚୁରିଆନ୍ ସସ୍ ପାଇଁ: ସରୁସରୁ ହୋଇ କଟା ହୋଇଥିବା ରସୁଣ, ଅଦା, କଞ୍ଚା ଲଙ୍କା, କ୍ୟାପ୍ସିକମ, ପିଆଜ, ସୋୟା ସସ, ରେଡ୍ ଚିଲି ସସ, ଭିନେଗାର, ଟମାଟୋ ସସ୍, ଚିନି ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: କୋବିକୁ ମଧ୍ୟମ ସାଇଜର ଖଣ୍ଡ ଖଣ୍ଡ କରି କାଟି ରଖନ୍ତୁ। ଏହାକୁ ଗରମ ପାଣିରେ ୫ ମିନିଟ ପାଇଁ ଛାଡ଼ି ଦିଅନ୍ତୁ। ପରେ ଏହାକୁ ଛାଣି ରଖିଦିଅନ୍ତୁ। ଏବେ ଏକ ପାତ୍ରରେ ମଇଦା, କର୍ଣ୍ଣ ଫ୍ଲୋର, ଲୁଣ, ଲଙ୍କା ଗୁଣ୍ଡ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଅଳ୍ପ ଅଳ୍ପ ପାଣି ଦେଇ ଏହାକୁ ଗୋଳାନ୍ତୁ।



ଏ ମିଶ୍ରଣ ବହଳିଆ ହେବ। ଏବେ ଏଥିରେ କୋବି ଖଣ୍ଡଗୁଡ଼ିକୁ ପକାଇ ଭଲ ଭାବେ ଗୋଳାନ୍ତୁ। ତା'ପରେ ଚୁଲିରେ ପ୍ୟାନ ବସାଇ ମଧ୍ୟମ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲେ କୋବି ଖଣ୍ଡ ଗୁଡିକୁ ପକାଇ ସୁନେଲି ରଙ୍ଗ ହେବ ଯାଏ ଅପେକ୍ଷା କରନ୍ତୁ ଓ ପରେ ଛାଣି ଆଣନ୍ତୁ। ପରେ ପ୍ୟାନରେ ତେଲ ପକାଇ ଗରମ କରନ୍ତୁ। ଏଥିରେ କଟା ଅଦା, ରସୁଣ ଓ ଲଙ୍କା ପକାଇ ୧ ରୁ ୨ ମିନିଟ ଯାଏ ଭାଜନ୍ତୁ । ବେଶୀ ଭଜିବେ ନାହିଁ। ନଚେତ ମଞ୍ଚୁରିଆନ୍ ପିତା ଲାଗି ପରେ। ଏବେ ଥିରେ ସରୁ ସରୁ ହୋଇ ହୋଇଥିବା ପିଆଜ ଓ କ୍ୟାପ୍ସିକମ୍ ପକାଇ ୧ରୁ ୨ ମିନିଟ ଯାଏ ଭାଜନ୍ତୁ। ପରେ ସେଥିରେ ସୋୟା ସସ୍ ପକାଇ ହାଲକା ଭାଜନ୍ତୁ। ଏଥିରେ ରେଡ୍ ଚିଲି ସସ, ଟମାଟୋ ସସ ଓ ଭିନେଗାର ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏଥିରେ କିଛି ପାଣି ଦେଇ ଭଲଭାବେ ଗୋଳାନ୍ତୁ । ଏଥିରେ ଗୋଲ ମରିଚ ଗୁଣ୍ଡ ପକାନ୍ତୁ। ସସ ବହଳିଆ ହେବା ଯାଏ ମଧ୍ୟମ ଆଞ୍ଚରେ ରାନ୍ଧନ୍ତୁ। ପରେ ଆଞ୍ଚ ବନ୍ଦ କରି ସସର ସ୍ୱାଦ ଚାଖନ୍ତୁ। ଆବଶ୍ୟକ ପଡିଲେ ନିଜ ସ୍ୱାଦ ଅନୁସାରେ ଲୁଣ ଦେଇ ପାରନ୍ତିୟ ସସକୁ ୨ ରୁ ୩ ମିନିଟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ପରେ ଏଥିରେ ଭଜା ହୋଇ ରଖିଥିବ କୋବି ଖଣ୍ଡକୁ ପକାଇ ଭଲଭାବରେ ଗୋଳାନ୍ତୁ। ଏବେ ଏହାକୁ ପ୍ଲେଟକୁ କାଢି ଭାତ କିମ୍ବା ରୁଟି ସହ ପରଷନ୍ତୁ।

## ••••• ଖବର •••••

# ୧୯ବର୍ଷରେ ନିର୍ବନ୍ଧ କରିଥିଲେ ଆରଜେ ମହବଶ, ମିଳିଥିଲା ଧୋକା





କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ଛାଡପତ୍ର ଏବେ ନିଶ୍ଚିତ ହୋଇସାରିଛି।

ଆଇପିଏଲ ଆରମ୍ଭ ପୂର୍ବରୁ ଦମ୍ପତିଙ୍କ ଛାଡପତ୍ର ଉପରେ ଚୂଡ଼ାନ୍ତ ରାୟ ଶୁଣାଇଥିଲେ କୋର୍ଟ। ଭରଣପୋଷଣ ବାବଦକୁ ଟଙ୍କା ଦେବା ପରେ ଏବେ ଦମ୍ପତ୍ତି ଅଲଗା ହୋଇଥିଲେ। ଛାଡ଼ପତ୍ର ପୂର୍ବରୁ ଗତ ବର୍ଷ ଡିସେମ୍ବର ମାସରୁ ଯୁଜଭେନ୍ଦ୍ର ଚହଲଙ୍କ ନାମ ଆରଜେ ମହବଶଙ୍କ ସହ ଯୋଡାଯାଉଛି। ଆଇସିସି ଚମ୍ପିଅନ୍ସ ଟ୍ରଫି ସମୟରେ, ଚହଲଙ୍କୁ ତାଙ୍କ ତଥାକଥିତ ପ୍ରେମିକା ଆରଜେ ମହବଶଙ୍କ ସହ ଷ୍ଟାଡିୟମରେ ମ୍ୟାଚ୍ ଦେଖୁଥିବାର ଦେଖାଯାଇଥିଲା, ଯାହା ପରେ ସେମାନଙ୍କ ଡେଟିଂର ଗୁଜବ ଆରମ୍ଭ ହୋଇଥିଲା।ଚହଲଙ୍କ ସହ ତାଙ୍କ ନାମ ଯୋଡା ଯିବା ପରେ ଏବେ ମହବଶଙ୍କ ବ୍ୟକ୍ତିଗତ ଜୀବନର ଏକ ବଡ଼ ସତ ସାମ୍ନାକୁ ଆସିଛି। ଏକ ସାକ୍ଷାତକାରରେ ଏହାର ଖୁଲାସା କରିଛନ୍ତି ମହବଶ।

ସେ କହିଛନ୍ତି, ମୁଁ ସାଧାରଣ ସମ୍ପର୍କରେ ବିଶ୍ୱାସ କରେ ନାହିଁ। ମୁଁ ଏପରି ଏକ ସମ୍ପର୍କ ଚାହୁଁଛି ଯାହା ବିବାହରେ ପରିଣତ ହେବ। କିନ୍ତୁ ଏବେ ମୁଁ ବିବାହ ବିଷୟରେ ଆଦୌ ଚିନ୍ତା କରୁନାହିଁ। ମୁଁ ୧୯ ବର୍ଷ ବୟସରେ ନିର୍ବନ୍ଧ କରିଥିଲି। ହେଲେ ପରେ ନିର୍ବନ୍ଧ ଭାଙ୍ଗିଥିଲାୟ ଏହି ସମୟ ମୋ ପାଇଁ କଷ୍ଟଦାୟକ ଥିଲା। ମୁଁ ଅବସାଦଗ୍ରସ୍ତ ହୋଇଯାଇଥିଲି। ମୋତେ ଡାକ୍ତରଖାନାରେ ଭର୍ତ୍ତି କରାଯିବା ସହ ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ଯାହା ହୋଇଛି ଭଲ ହୋଇଛ। ସେ ଘଟଣା ପାଇଁ ମୁଁ ଦୃଢ଼ ବନିପାରିଛି। ଏବେ ମୋ ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ମୁଁ କାହା ସହିତ ସମ୍ପର୍କରେ ନାହିଁ ଏବଂ ସମ୍ପୂର୍ଣ୍ଣ ଏକା।

## ଶୁଭ ସମୟର ପୂର୍ବ ସୂଚନା

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦଘାତ ଅନ୍ୟତମମନୁଷ୍ୟ ସର୍ବଦା ସୁଖପ୍ରାପ୍ତି ପାଇଁ ବ୍ୟଗ୍ର ହୋଇଥାଏ। କିନ୍ତୁ ଏହା ତାକୁ ମିଳି ନ ଥାଏ। କେତେବେଳେ ସୁଖ ତ କେତେବେଳେ ଦୁଃଖ ଭୋଗିବାକୁ ପଡ଼ିଥାଏ। ଯଦି ଆପଣ ଦୀର୍ଘଦିନ ଦିନ ଦୁଃଖ ବା ଖରାପ୍ ସମୟ ଦେଇ କରୁଛନ୍ତି ଏହାପରେ ଏକ ଭଲ ସମୟ ମଧ୍ୟ ଆପଣଙ୍କୁ ଅପେକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ଆପଣଙ୍କର ଭଲ ସମୟ ଆସିବା ପୂର୍ବରୁ ଭଗବାନ କେମିତି ଦେଇଥାନ୍ତି ସୂଚନା ।

ଯଦି ଆପଣ କୌଣସି ବିଶେଷ କାର୍ଯ୍ୟ ବା ଚାକିରୀ ପାଇଁ ଇଣ୍ଟରଭ୍ୟୁ ଦେବାକୁ ଯାଉଛନ୍ତି ଏବଂ ହଠାତ୍ ଆପଣଙ୍କ ସାମ୍ନାରେ କୌଣସି ଗାଇ କିମ୍ବା ନଡ଼ିଆ ଦେଖିବାକୁ ମିଳେ ତେବେ ଏହା ଆପଣଙ୍କ ପାଇଁ ଶୁଭ ସଙ୍କେତ ହୋଇଥାଏ।

ସକାଳୁ କୌଣସି କାର୍ଯ୍ୟରେ ବାହାରିବା ସମୟରେ ବୁଢ଼ିଆଣୀ ଜାଲ ବୁଣୁଥିବା ଦେଖିଲେ, ଏହା ଭଲ ସମୟ। ଆଗମନର ସୂଚନା ପ୍ରଦାନ କରିଥାଏ। ସେହିପରି ମନ୍ଦିରରେ ପୂଜା କରୁଥିବା ସମୟରେ ଠାକୁରଙ୍କୁ ଅର୍ପଣ କରାଯାଇଥିବା ଫୁଲ ହଠାତ୍ ଆପଣଙ୍କ ଉପରେ କିମ୍ବା ସାମ୍ନାରେ ପଡ଼ିଯାଏ ତେବେ ଶୁଭ ସମୟ ଆଗତ ବୋଲି ବୁଝିବାକୁ ହେବ । ଏହାଦ୍ୱାରା ଭଗବାନ ଆପଣଙ୍କ ଉପରେ ପ୍ରସନ୍ନ ହୋଇଥାନ୍ତି।



# ପିତ୍ତଳ ବାସନର ଚମତ୍କାରୀ ଲାଭ

ପିତ୍ତଳ ବାସନ ଓ ପାତ୍ର ଘରେ ରଖିବା ଖୁବ ଶୁଭ ବୋଲି ମାନ୍ୟତା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଦୃଷ୍ଟି କୋଣରୁ ପିତ୍ତଳ ପାତ୍ରରେ ପ୍ରସ୍ତୁତ ଭୋଜନ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ଖୁବ ହିତକାରକ। ଏହା ଶରୀରକୁ ଆରୋଗ୍ୟ ରଖିବା ସହ ଆବଶ୍ୟକ ପରିମାଣରେ ଶକ୍ତି ପ୍ରଦାନ କରିଥାଏ। ଅନ୍ୟ ବାସନ ତୁଳନାରେ ଏହି ବାସନ ଖୁବ ଶକ୍ତ। ପିତ୍ତଳ କଳସରେ ରଖାଯାଇଥିବା ଜଳ ଶରୀରକୁ ଖୁବ ଶକ୍ତି ପ୍ରଦାନ କରିବା ସହ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ। ପିତ୍ତଳ ବାସନ ମଧ୍ୟରେ ଥାଳି, ପାତ୍ର, ଗ୍ଲାସ, ଲୋଟା, ଦେବାଦେବୀଙ୍କ ମୂର୍ତ୍ତି, ସିଂହାସନ, ଘଣ୍ଟ, ବିଭିନ୍ନ ବାଦ୍ୟଯନ୍ତ୍ର ଆଦି ରହିଛି। ଜାଣନ୍ତୁ ପିତ୍ତଳ ବାସନ ସହ ଜଡିତ କିଛି ସରଳ ଉପାୟ ବିଷୟରେ.



■ ଭାଗ୍ୟରେ ସୁପରିବର୍ତ୍ତନ ପାଇଁ ପିତ୍ତଳର ଏକ ପାତ୍ରରେ ଚଣା ବତୁରାଇ ରାତି ସାରା ନିଜ ମୁଣ୍ଡରେ ନିକଟରେ ରଖନ୍ତୁ। ସକାଳେ ଏହି ଚଣାରେ କିଛି ଗୁଡ ମିଶାଇ ଗାଈଙ୍କୁ ଖାଇବାକୁ ଦିଅନ୍ତୁ।

■ ଧନସମ୍ପତ୍ତି ବୃଦ୍ଧି ଓ ଧନର ଅଭାବ ଦୂର ପାଇଁ ପୂର୍ଣ୍ଣିମା ଦିନ କଳସରେ ଦେଶୀ ଘିଅ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ଅର୍ପଣ କରିବା ପରେ ସେହି ଘିଅକୁ ଅସହାୟଙ୍କୁ ଦାନ କରନ୍ତୁ।

■ ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ପାଇଁ ବୈଭବ ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରିବା ସହ ପିତ୍ତଳର ଦୀପରେ ଶୁଦ୍ଧ ଘିଅ ବ୍ୟବହାର କରି ମା'ଙ୍କ ନିକଟରେ ଦୀପ ଲଗାନ୍ତୁ।

■ ଦୁର୍ଭାଗ୍ୟରୁ ମୁକ୍ତି ପାଇବା ପାଇଁ ପିତ୍ତଳର ଏକ ପାତ୍ରରେ ଦହି ଭର୍ତ୍ତି କରି ଉକ୍ତ ଦହି ପାତ୍ର ସହ ଅଶ୍ୱ ବୃକ୍ଷ ନିକଟରେ ରଖନ୍ତୁ।

■ସୌଭାଗ୍ୟ ପ୍ରାପ୍ତି ପାଇଁ ପିତ୍ତଳର କଳସରେ ଚଣାଡାଲି ଭର୍ତ୍ତି କରି ଭଗବାନ ବିଷ୍ଣୁଙ୍କୁ ମନ୍ଦିରରେ ଅର୍ପଣ କରନ୍ତୁ।

# ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାର ଉପାୟ

ବୁଧବାର ଦିନ ବିଧି ବିଧାନ ଅନୁସାରେ ଭଗବାନ ଗଣେଶଙ୍କୁ ପୂଜା କରାଯାଇଥାଏ। ବୁଧବାର ଦିନ ଭଗବାନ ଗଣେଶଙ୍କର ବିଧି ବିଧାନ ଅନୁଯାୟୀ ପୂଜା କଲେ ଭଗବାନ ଗଣେଶ ପ୍ରସନ୍ନ ହୋଇ ଭକ୍ତଙ୍କ ସଙ୍କଟ ଦୂର କରିଥାନ୍ତି ଓ ମନୋସ୍କାମନା ପୂରଣ କରିଥାନ୍ତି। ହିନ୍ଦୁ ଧର୍ମରେ ଯେକୌଣସି ଶୁଭ କାର୍ଯ୍ୟ କରିବା ପୂର୍ବରୁ ଗଣେଶଙ୍କୁ ଆରାଧନା କରାଯାଇଥାଏ। ଗଣେଶ ରିଦ୍ଧି-ସିଦ୍ଧି ଦାତା ଓ ଶୁଭ-ଲାଭ ପ୍ରଦାତା। ଗଣେଶ ଭକ୍ତଙ୍କ ବାଧାବିଘ୍ନ, ସଙ୍କଟ, ରୋଗ ଦୋଷ ତଥା ଦରିଦ୍ରତା ଦୂର କରିଥାନ୍ତି। ବିଶ୍ୱାସ ରହିଛି ଯେ ବୁଧବାର ଦିନ ସଚ୍ଚୋଟ ମନରେ ଗଣେଶଙ୍କୁ ଆରାଧନା କଲେ ଓ ମନ୍ତ୍ର ଜପ କଲେ ସମସ୍ୟା ସମାଧାନ ହୋଇଥାଏ। ଗଣେଶ ଅମଙ୍ଗଳ ଦୂର କରିଥାନ୍ତି। ଯାହା ଉପରେ ଭଗବାନ ଗଣେଶ କୃପା କରନ୍ତି ସେମାନଙ୍କ ଜୀବନର ସମସ୍ତ ବାଧା ଦୂର ହୋଇଥାଏ। ଗଣେଶ ଯେତେ ଶୀଘ୍ର ରାଗି ଯାଆନ୍ତି ସେତେ ଶୀଘ୍ର ମାନି ମଧ୍ୟ ଯାଇଥାନ୍ତି। ଶାସ୍ତ୍ରରେ କିଛି ସରଳ ଉପାୟ ରହିଛି ଯାହାଦ୍ୱାରା ଗଣେଶ ପ୍ରସନ୍ନ ହୋଇଥାନ୍ତି।



୧. ଦୁବ ଅର୍ପଣ କରନ୍ତୁ - ଗଣେଶଙ୍କୁ ପ୍ରସନ୍ନ କରିବାର ସବୁଠାରୁ ସରଳ ଉପାୟ ହେଲା ପ୍ରତିଦିନ ସକାଳୁ ସ୍ନାନ ଆଦି ସାରି ଗଣେଶଙ୍କୁ ୫ଟି ଦୁବ ଘାସ ଅର୍ପଣ କରନ୍ତୁ। ଦୁବକୁ ଗଣେଶଙ୍କ ମସ୍ତକରେ ଚଢ଼ାଇବା ଉଚିତ। ଚରଣରେ ଦୁବ ରଖିବେନି। ଦୁବ ଅର୍ପଣ କଲାବେଳେ ଏହି ମନ୍ତ୍ର ଜପିବେ- ଇଦ ଦୁର୍ବାଦଲଂ ଓଂ ଗଂ ଗଣପତୟେ ନମଃ

୨. ସମୀ ଅର୍ପଣ କରନ୍ତୁ - ଶାସ୍ତ୍ର ଅନୁସାରେ ସମୀ ଏକମାତ୍ର ଏମିତି ଗଛ ଯାହାକୁ ପୂଜା କଲେ ଗଣେଶ ଓ ଶନିଦେବ ପ୍ରସନ୍ନ ହୁଅନ୍ତି। କଥାରେ ଅଛି ଭଗବାନ ଶ୍ରୀରାମ ମଧ୍ୟ ରାବଣ ଉପରେ ବିଜୟ ପାଇବା ପାଇଁ ସମୀ ବୃକ୍ଷକୁ ପୂଜା କରିଥିଲେ। ସମୀ ଗଣେଶଙ୍କ ଅତ୍ୟନ୍ତ ପ୍ରିୟ। ନିୟମିତ ଗଣେଶଙ୍କୁ ସମୀ ପତ୍ର ଅର୍ପଣ କରନ୍ତୁ। ଏହାଦ୍ୱାରା ଘରକୁ ଧନ ଓ ସୁଖ ସମୃଦ୍ଧି ଆସିଥାଏ।

୩. ଚାଉଳ ଅର୍ପଣ କରନ୍ତୁ - ଭଗବାନ ଗଣେଶଙ୍କୁ ପ୍ରସନ୍ନ କରିବାକୁ ପବିତ୍ର ଚାଉଳ ଅର୍ପଣ କରନ୍ତୁ। ଯେଉଁ ଚାଉଳ ଭାଙ୍ଗି ନଥାଏ ତାକୁ ପବିତ୍ର ଚାଉଳ କୁହାଯାଏ। ପୂଜାରେ ସବୁବେଳେ ଅରୁଆ ଚାଉଳ ବ୍ୟବହାର କରାଯାଏ। ଗଣେଶଙ୍କୁ ଶୁଖିଲା ଚାଉଳ ଅର୍ପଣ କରାଯାଏନାହିଁ, ଓଦା କରି ଅର୍ପଣ କରାଯାଏ। ଏହି ମନ୍ତ୍ର କହି ୩ଥର ଚାଉଳ ଅର୍ପଣ କରନ୍ତୁ- ଇଦ ଅକ୍ଷତମ୍ ଓଂ ଗଂ ଗଣପତୟେ ନମଃ

୪. ଗଣେଶଙ୍କ ପ୍ରିୟ ନାଲି ସିନ୍ଦୁର- ଗଣେଶଙ୍କୁ ନାଲି ସିନ୍ଦୁର ବହୁତ ପସନ୍ଦ। ଗଣେଶଙ୍କୁ ପ୍ରସନ୍ନ କରିବାକୁ ସିନ୍ଦୁରରେ ତିଳକ କରନ୍ତୁ। ଗଣେଶଙ୍କୁ ତିଳକ କରିବା ପରେ ନିଜ ମଥାରେ ମଧ୍ୟ ତିଳକ ଲଗାନ୍ତୁ। ଏହାଦ୍ୱାରା ଗଣେଶଙ୍କ କୃପା ପ୍ରାପ୍ତ ହେବାସହ ଆର୍ଥିକ ସମସ୍ୟା ଓ ବିଘ୍ନ ଦୂର ହୋଇଥାଏ। ଗଣେଶଙ୍କୁ ସିନ୍ଦୁର ଅର୍ପଣ କଲାବେଳେ ଏହି ମନ୍ତ୍ର କୁହନ୍ତୁ- ସିନ୍ଦୁର ଶୋଭନମ ରକ୍ତଂ ସୌଭାଗ୍ୟଂ ସୁଖବର୍ଦ୍ଧନମ୍ । ଶୁଭଦଂ କାମଦଂ ଚୈଓ୍ୱ ସିନ୍ଦୁରଂ ପ୍ରତିଗୃହ୍ୟତାମ୍ଯ ଓଁ ଗଂ ଗଣପତୟେ ନମଃ।



## ଆଲୋଭେରାର ଘରୋଇ ଉପଚାର

ଆଲୋ ଭେରା ବା ଘିକୁଆଁରି କେବଳ ସ୍ୱାସ୍ଥ୍ୟ ନୁହେଁ ତ୍ୱଚା ପାଇଁ ଏକ ବରଦାନ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥାନ୍ତି। ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ତ୍ୱଚାରେ ବ୍ରଣ, ଦାଗ ପରି ଅନେକ ସମସ୍ୟାକୁ ଭଲ କରିଥାଏ।



ତେବେ ଏହାକୁ ଲଗାଇବାର ବିଧି ଆପଣଙ୍କୁ ଜଣାଥିବା ଆବଶ୍ୟକ। ଆସନ୍ତୁ ଜାଣିବା ଘରେ ଘିକୁଆରୀ ବା ଆଲୋ ଭେରା କିପରି ଲଗାଇବା ଉଚିତ।

୧. ଅଲଗା ଅଲଗା ସମସ୍ୟା ପାଇଁ ଆଲୋ ଭେରା ବ୍ୟବହାର କରାଯାଇଥାଏ। ସନବର୍ଣ୍ଣ, ମଷ୍ଟୁରାଇଜର, ଆଣ୍ଟି ଏଜିଙ୍ଗ ଜେଲ, ମେକଅପ ରିମୁଭର, ସ୍କ୍ରବ, ଆଇବ୍ରୋ ଜେଲ ଭାବରେ ଏହାକୁ ବ୍ୟବହାର କରାଯାଇଥାଏ।

୨. ଯଦି ଆପଣଙ୍କ ଘରେ ଆଲୋଭେରା ଗଛ ଅଛି ତେବେ ଆପଣ ଏଥିରୁ ଜେଲ ପ୍ରସ୍ତୁତ କରିପାରିବେ।

୩. ଏହି ଜେଲକୁ ସନବର୍ଣ୍ଣ ପାଇଁ ବ୍ୟବହାର କରିବାକୁ ଚାହୁଁଥିଲେ କିଛି ସମୟ ଫ୍ରିଜରେ ରଖନ୍ତୁ। ପରେ ସେଥିରେ ହାଲକା ଗୋଲାପ ଜଳ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ। ଏହିପରି ପ୍ରତିଦିନ ରାତିରେ ଲଗାଇ ଶୁଅନ୍ତୁ।

୪. ସେହିପରି ତ୍ୱଚାରୁ ଡେଡ ସ୍କିନ ସଫା କରିବାକୁ ଚାହୁଁଥିଲେ, ଫେଶୱାସରେ ମୁହଁ ଧୋଇବା ପରେ ଅଳ୍ପ ଏଲୋବେରା ଜେଲ ଲଗାନ୍ତୁ। ଏହା ପରେ ଏକ ଓଦା କପଡ଼ାରେ ମୁହଁକୁ ସ୍କ୍ରବ କରି ପୋଛନ୍ତୁ।

୫. ଆଣ୍ଟି-ଏଜିଙ୍ଗ ଜେଲ ଭାବରେ ମଧ୍ୟ ଏଲୋବେରା ଜେଲ ବ୍ୟବହାର କରାଯାଇପାରିବ। ତେବେ ଏଥିରେ ଭିଟାମିନ ଇ କିମ୍ବା ଭିଟାମିନ ସିର ପାଉଡର ମିଶାଇ ଲଗାନ୍ତୁ।

୬. ମେକଅପ ଛଡ଼ାଇବା ପାଇଁ କଟନରେ ଅଳ୍ପ ଆଲୋ ଭେରା ଜେଲ ନେଇ ମେକଅପକୁ ସଫା କରନ୍ତୁ। ଏପରି କଲେ ଜଲଦି ମେକଅପ ସଫା ହେବା ସହ ଆପଣଙ୍କ ତ୍ୱଚା କୋମଳ ରହିବ।

# ବିପ୍ଳବୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୫।୪ (ମହାଭାରତ):** ରଣପୁର ପ୍ରଜା ଆନ୍ଦୋଳନର ମହାନ୍ ବିପ୍ଳବୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ୧୯୨୮ ମସିହାରେ ଖୋର୍ଦ୍ଧା ହାଇସ୍କୁଲରେ ଛାତ୍ରଥିଲେ। ତାଙ୍କ ଅମର ଗାଥା ଦେଶ ଓ ଜାତି ସ୍ମରଣ କରୁଥିବା ବେଳେ ତାଙ୍କ ଶହୀଦ ଦିବସ



ଏପ୍ରିଲ ୪କୁ ମନେ ପକାଇ ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲ ପରିସରରେ ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ରଣପୁର ବିଦ୍ରୋହର ଲେଖକ ଐତିହାସିକ ସତ୍ୟବାଦୀ ବଳିଆରସିଂହ କହିଥିଲେ ରଘୁ-ଦିବାକର ଗଡ଼ବାଣୀକିଲରୁ ପ୍ରାଥମିକ ଓ ରଣପୁର ଗଡ଼ରୁ ମାଇନର ପାଶ କଲାପରେ ଖୋର୍ଦ୍ଧା ହାଇସ୍କୁଲରେ ମାଟ୍ରିକ୍ ପଢିଥିଲେ। ସେମାନେ ରଣପୁର ରାଜ ଶାସନର ଅନ୍ୟାୟ ଅନୀତି ବିରୋଧରେ ପ୍ରଜା ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଭୟଙ୍କର ହେବାରୁ ଦମନ ପାଇଁ ପଲିଟିକାଲ ଏଜେଂଟ ମେଜର ଲେଜଲେଟ ରଣପୁର ଆସିଲେ। କିନ୍ତୁ ପ୍ରଜାଙ୍କ ଠେଙ୍ଗା ମାଡ଼ରେ ସେ ନିହତ ହେଲେ। ଏହି ହତ୍ୟାକାଣ୍ଡରେ ଅଭିଯୁକ୍ତ କରାଯାଇ ରଘୁ-ଦିବାକରଙ୍କୁ ୧୯୪୧ ମସିହା ଏପ୍ରିଲ ୪ ତାରିଖ ଦିନ ବିହାର ଭାଗଲପୁର ଜେଲରେ ଫାଶୀ ଦିଆଗଲା। ଏହି ଦୁଇ ଶହୀଦଙ୍କ ଅମର ଗାଥା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନ, ଆଲମୁନି କମିଟି ସଦସ୍ୟ ସମବାୟବିତ୍ ବିମଳ କୁମାର ଷଡ଼ଙ୍ଗୀ, ଆଲମୁନି ସଦସ୍ୟ ରାଜେନ୍ଦ୍ର କୁମାର ନରେନ୍ଦ୍ର, ସମାଜସେବୀ ଇତିଶ୍ରୀ ସାହୁ, କ୍ୟାପିଟାଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ବୃନ୍ଦାବନ ପଣ୍ଡା, କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଡ଼ି.ଏସ.ଓର ଅବିନାଶ ପ୍ରଧାନ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ସୂଚନା ଯୋଗ୍ୟ ଯେ ପଦ୍ମଲୋଚନ ପାଲଟାସିଂ ପ୍ରଧାନ ଶିକ୍ଷକ ଥିବା ସମୟରୁ ବିଦ୍ୟାଳୟ ପରିସରରେ ରଘୁ-ଦିବାକରଙ୍କ ପାଇଁ ସ୍ମୃତି ସଭା ପାଳିତ ହୋଇ ଆସୁଛି ଏବଂ ବିଧାୟକ ଜିତୁ ମିତ୍ର ସଭାପତି ଓ ବାଉରୀବନ୍ଧୁ ଭୂଜବଳ ପ୍ରଧାନ ଶିକ୍ଷକ ଥିବାବେଳେ ଶହୀଦଙ୍କ ପ୍ରତିମୂର୍ତି ନିର୍ମିତ ହୋଇଥିଲା। ସ୍ମୃତି ଚାରଣ ସଭାରେ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ ଓ ଡ଼ି.ଏସ.ଓର ସଭ୍ୟ ଏବଂ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

# ଓଡ଼ିଶାର ବିକାଶରେ ଯୁବପୀଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୫।୪ (ମହାଭାରତ):** ଓଡିଶାର ବିକାଶରେ ଯୁବ ପୀଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଗୁରୁବାର ଏନ୍‌ସିସି ଗ୍ରୁପ୍ ହେଡକ୍ୱାଟରସ୍, କଟକଠାରେ ଆୟୋଜିତ ମେଗା ଏନସିସି ସାଇକ୍ଲୋଥନର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଆମ ରାଜ୍ୟର ଏନସିସି କ୍ୟାଡେଟ୍‌ମାନେ ପରିବର୍ତନଶୀଳ ଯାତ୍ରାର ଅଗ୍ରଭାଗରେ ରହିଛନ୍ତି ଯାହାକି ଗର୍ବର ବିଷୟ। ରାଜ୍ୟର ବିକାଶ ନିମନ୍ତେ ଶୃଙ୍ଖଳିତ, ଦାୟିତ୍ୱବାନ ଏବଂ ଦୂରଦୃଷ୍ଟି ସଂପନ୍ନ ଯୁବକ ଭାବରେ ଏନସିସି କ୍ୟାଡେଟ୍‌ମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି, ବୈଷୟିକ ପ୍ରଗତି, ସମାଜ କଲ୍ୟାଣ କ୍ଷେତ୍ରରେ ପ୍ରତ୍ୟେକ ଯୁବକ ଜଣେ ଜଣେ ପରିବର୍ତନର ମଶାଲ ହୁଅନ୍ତୁ। ଏନସିସିର ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତବ୍ୟ ପଥରେ ଚାଲିବା ପାଇଁ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବାକୁ




ରାଜ୍ୟପାଳ ଡ. କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି।

ସାଇକ୍ଲୋଥନ ସଂପର୍କରେ ରାଜ୍ୟପାଳ କହିଥିଲେ ଯେ ଏହା କେବଳ ଏକ ଶାରୀରିକ ଯାତ୍ରା ନୁହେଁ ବରଂ ଏହା ଆମର କ୍ୟାଡେଟ୍‌ମାନଙ୍କ ପାଇଁ ବର୍ତମାନର କର୍ତବ୍ୟ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତି। ସାଇକ୍ଲୋଥନ ମାଧ୍ୟମରେ କ୍ୟାଡେଟ୍‌ମାନେ ଗାଁ ଓ ସହର ପରିକ୍ରମା କରିବା ସହ ଜନସାଧାରଣଙ୍କ ସହ ମିଶିଛନ୍ତି, ଭାବ ବିନିମୟ କରି ଅନେକ ଅଭିଜ୍ଞତା ଓ ଉପଲବ୍ଧି ସାଇଁଟିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସଂରକ୍ଷଣ, ମହିଳା ସଶକ୍ତିକରଣ, ନିଶା ନିବାରଣ, ସାଇବର ସୁରକ୍ଷା, ଡିଜିଟାଲ ସାକ୍ଷରତା, ସଡ଼କ ସୁରକ୍ଷା ଆଦି ଉପରେ ସଚେତନତାର ବାର୍ତା ଜନସାଧାରଣଙ୍କ ପାଖରେ ପହଂଚାଇଥିବା କ୍ୟାଡେଟ୍‌ମାନଙ୍କର ନିଷ୍ଠା, ଉଦ୍ୟମ, ଦେଶପ୍ରେମ ଓ ଉତ୍ସର୍ଗୀକୃତ ମନୋଭାବକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

ଓଡିଶା ଏନସିସି ନିର୍ଦ୍ଦେଶାଳୟର ଉପ ମହାନିର୍ଦ୍ଦେଶକ କମୋଡୋର ମହେଶ ରାହଙ୍ଗଡ଼ାଲେ ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ଏନସିସି ସାଇକ୍ଲୋଥନ ଯୁବ ସଶକ୍ତିକରଣ ଏବଂ ସାମାଜିକ ବିକାଶ ପ୍ରତି ସହଭାଗୀ ପ୍ରତିବଦ୍ଧତାକୁ ଦୃଢ଼ୀଭୂତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରି ଏନସିସି କ୍ୟାଡେଟମାନଙ୍କର ଉଦ୍ୟମକୁ ପ୍ରଶଂସା କରିବା ସହ ସାଇକେଲ ଶୋଭାଯାତ୍ରାକୁ ସଫଳ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଓଡିଶା ଯୁବ ପ୍ରଶିକ୍ଷଣ ସଂସ୍ଥାର ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ରାଜ୍ୟପାଳ ନବୀକୃତ ଏନସିସି ମୁଖ୍ୟାଳୟ ଭବନକୁ ଉଦ୍‌ଘାଟନ କରିବା ସହ ପୁରୁଣା ସଚିବାଳୟ ପରିସର ମଧ୍ୟରେ ଥିବା ସମ୍ପ୍ରସାରିତ ଏନସିସି କ୍ୟାଂଟିନ୍ ପରିଦର୍ଶନ କରିଥିଲେ।

# ୭,୧୩୪ କୋଚ୍ ତିଆରି କରିଛି ରେଳବାଇ

**ଭୁବନେଶ୍ୱର,୫।୪ (ମହାଭାରତ):** ଭାରତୀୟ ରେଳବାଇ ୨୦୨୪-୨୫ ଆର୍ଥିକ ବର୍ଷରେ ୭,୧୩୪ଟି କୋଚ୍ ନିର୍ମାଣ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସଂଖ୍ୟା ଗତ ବର୍ଷ ୬,୫୪୧ କୋଚ୍ ଉତ୍ପାଦନ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ। ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି, ଅଣ-ବାତାନୁକୁଳିତ ନିୟନ୍ତ୍ରିତ କୋଚ୍ ଉତ୍ପାଦନକୁ ପ୍ରୋତ୍ସାହିତ କରାଯାଉଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ, ଗତ ଆର୍ଥିକ ବର୍ଷରେ ୪,୬୦୧ଟି ନନ୍-ଏସି କୋଚ୍ ଉତ୍ପାଦନ କରାଯାଇଥିଲା। ଏହି ଐତିହାସିକ ସଫଳତା ଭାରତୀୟ ରେଳବାଇର ଉତ୍ପାଦନ କ୍ଷମତାରେ ନିରନ୍ତର ବୃଦ୍ଧିକୁ ପ୍ରତିଫଳିତ କରେ, ଯାହା ଭିତ୍ତିଭୂମିର ଆଧୁନିକୀକରଣ ଏବଂ ଯାତ୍ରୀଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ କରାଯାଉଥିବା ପ୍ରୟାସର ପରିଣାମ । ଏହା ରେଳ ସେବାକୁ ଅଧିକ ସୁବିଧାଜନକ, ନିରାପଦ ଏବଂ ଦକ୍ଷ କରିବ। ଯାହା ଦ୍ୱାରା ଯାତ୍ରୀମାନେ ଏକ ଉତ୍ତମ ଯାତ୍ରା ଅଭିଜ୍ଞତା ପାଇବେ।



ଭାରତୀୟ ରେଳବାଇର ତିନୋଟି କୋଚ୍ ନିର୍ମାଣ ୟୁନିଟ୍ ଅଛି। ଏଥିରେ ତାମିଲନାଡୁର ଚେନ୍ନାଇରେ ଥିବା ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ), ପଞ୍ଜାବର କପୁରଥଲାରେ ଥିବା ରେଳ କୋଚ୍ ଫ୍ୟାକ୍ଟ୍ରି (ଆରସିଏଫ) ଏବଂ ଉତ୍ତର ପ୍ରଦେଶର ରାୟବରେଲିରେ ଥିବା ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି (ଏମସିଏଫ) ଅନ୍ତର୍ଭୁକ୍ତ । ଚେନ୍ନାଇ ସ୍ଥିତ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୪-୨୫ ବର୍ଷରେ ୩,୦୦୭ କୋଚ୍ ଉତ୍ପାଦନ କରିଛି, ଯାହା ପୂର୍ବ ଉତ୍ପାଦନ ରେକର୍ଡ ଭାଙ୍ଗିଛି ।

କୋଚ ନିର୍ମାଣ କ୍ଷେତ୍ରରେ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୨୮୨୯ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ଆହୁରି ୧୭୮ ଟି କୋଚ ନିର୍ମାଣ ବୃଦ୍ଧି କରାଇ ୩,୦୦୭ କୋଚ୍ ଉତ୍ପାଦନ କରିଛି। ସେହିଭଳି ଆରସିଏଫ କପୁରଥଲା ୨୦୨୩-୨୪ ବର୍ଷରେ ୧୯୦୧ କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୧୦୨ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୨୦୧ ଟି ଅଧିକ । ରାୟବରେଲିର ମଡର୍ଣ୍ଣ କୋଚ୍ ଫ୍ୟାକ୍ଟ୍ରି ୨୦୨୩-୨୪ ବର୍ଷରେ ୧୬୮୪ ଟି କୋଚ ଉତ୍ପାଦନ କରିଥିବାବେଳେ ୨୦୨୪-୨୫ ବର୍ଷରେ ୨୦୨୫ ଟି କୋଚ ନିର୍ମାଣ କରିଛି ଯାହାକି ପୂର୍ବ ବର୍ଷ ଠାରୁ ୩୪୧ ଟି ଅଧିକ। ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ରେଳବାଇ କୋଚ୍ ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ୨୦୦୪ ରୁ ୨୦୧୪ ମଧ୍ୟରେ ପ୍ରତିବର୍ଷ ହାରାହାରି ପ୍ରାୟ ୩,୩୦୦ କୋଚ୍ ଥିଲା। ଯେତେବେଳେ ୨୦୧୪ ରୁ ୨୦୨୪ ମଧ୍ୟରେ, କୋଚ୍ ଉତ୍ପାଦନ ସଂଖ୍ୟା ୫୪,୮୦୯ ରେ ପହଞ୍ଚିଛି ଯାହା ଏକ ରେକର୍ଡ ବୃଦ୍ଧି ପାଇଛି, ହାରାହାରି ୫,୪୮୧ କୋଚ୍ ସହିତ।

# ୫ବର୍ଷରେ ଜବତ ହୋଇଛି ୪୦୩ କରତକଳ

**ଭୁବନେଶ୍ୱର,୫।୪ (ମହାଭାରତ):** ଗତ ୫ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବେଆଇନ୍ ଭାବେ ଚାଲୁଥିବା ୪୦୩ଟି କରତକଳକୁ ବିଭାଗୀୟ କର୍ମଚାରୀମାନେ ଜବତ କରିଛନ୍ତି। ଏଥି ସହିତ ସେଠାରେ ମହଜୁଦ ଥିବା କାଠ ଓ କରତକଳର ଯନ୍ତ୍ରାଂଶକୁ ବି ଜବତ କରାଯାଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୭୫ଟି ଲାଇସେନ୍ସପ୍ରାପ୍ତ କରତକଳ ଚାଲୁଅଛି । ଏହି କରତଳ କଳଗୁଡିକୁ ସାଧାରଣତଃ ବିଭିନ୍ନ କିସମର କାଠ କାଟିବାପାଇଁ ଅନୁମତି ପ୍ରଦାନ କରାଯାଇଛି । ତେବେ ଗତ ପାଞ୍ଚବର୍ଷ ମଧ୍ୟରେ ବେଆଇନ୍ ଭାବେ ଚାଲୁଥିବା ୪୦୩ କରତକଳକୁ ଜବତ କରାଯିବା ସହିତ ଏହାକୁ ସ୍ଥାପନ କରିଥିବା ଲୋକଙ୍କ ବରୁଦ୍ଧରେ ଓଡିଶା କରତ କଳ (ନିୟନ୍ତ୍ରଣ) ଆଇନ ୧୯୯୧ଅନୁଯାୟୀ ବିଭାଗ ତରଫରୁ ଆଇନଗତ ମାମଲା ରୁଜୁ କରାଯାଇଛି ।

# କଂଗ୍ରେସର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

**ଭୁବନେଶ୍ୱର,୫।୪ (ମହାଭାରତ):** ଆଗାମୀ ଦିନରେ କଂଗ୍ରେସର ଜିଲ୍ଲାସ୍ତରୀୟ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ, ବିକ୍ଷୋଭ, ରାଲି ଇତ୍ୟାଦି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ କଂଗ୍ରେସର ୩୫ ଗୋଟି ସାଂଗଠନିକ ଜିଲ୍ଲା ନିମନ୍ତେ ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହି ପର୍ଯ୍ୟବେକ୍ଷକ ମାନେ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ସହଯୋଗ କରି ଜିଲ୍ଲା କାର୍ଯ୍ୟକ୍ରମକୁ ସଫଳ କରାଇବେ। ଏହି କ୍ରମରେ ଅନୁଗୁଳ ଜିଲ୍ଲା ନିମନ୍ତେ ଶ୍ରୀ ଲଲାଟେନ୍ଦୁ ଦାସ ଓ ଅନିମା ମିଂଜ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ବେଳେ ବାଲେଶ୍ୱର-ବନ୍ଦିତା ପରିଡ଼ା ଓ ପଦ୍ମାକର ଗୁରୁ, ବରଗଡ଼-ଘାସିରାମ ମାଝୀ ଓ ଫାରକୁ ମହମ୍ମଦ, ଭଦ୍ରକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଜିତ ଜେନା (ମୟୁରଭଞ୍ଜ), ଭୁବନେଶ୍ୱର-ଡ. ଦେବାଶିଷ ପଟ୍ଟନାୟକ, ବଲାଙ୍ଗିର- ନିଳମାଧବ ହିକକା ଓ ମନୋଜ ବିଶ୍ୱାଳ, ବୌଦ୍ଧ- ସଂଗ୍ରାମ କେଶରୀ ମହାନ୍ତି, କଟକ-ଡ. ଲଲାଟେନ୍ଦୁ ମହାପାତ୍ର, କଟକ ସିଟି- ମନୋଜ ଜେନା ଓ ହିଂମାଂଶୁ ଲେଙ୍କା, ଦେଓଗଡ଼- ସଂଗ୍ରାମ କେଶରୀ ଦାସ, ଢ଼େଙ୍କାନାଳ- ଚିନ୍ମୟ ସୁନ୍ଦର ଦାସ ଓ ବିଶ୍ୱଜିତ ଦାଶ, ଗଞ୍ଜାମ (ପୂର୍ବ)-ବିଧାୟକ ପ୍ରଫୁଲ ପ୍ରଧାନ ଓ ପ୍ରଦୀପ କୁମାର ଦାସ, ଗଞ୍ଜାମ (ପଶ୍ଚିମ)- ଅଭିମନ୍ୟୁ ବେହେରା ଓ ବିଜୟ କୁମାର ପ୍ରଧାନ, ଗଜପତି- ଦୁର୍ଗା ପଣ୍ଡା, ଜଗତସିଂହପୁର-ରାଜକିଶୋର ବାରିକ ଓ ସିଧାର୍ଥ ମହାନ୍ତି, ଯାଜପୁର- ଚିନ୍ମୟ ପ୍ରସାଦ ବେହୁରା ଓ ସୁଦର୍ଶନ ଦାସ, ଝାରସୁଗୁଡ଼ା- ସିଦ୍ଧାର୍ଥ ସ୍ୱରୂପ ଦାସ, କଳାହାଣ୍ଡି- ମନୋରଞ୍ଜନ ତ୍ରିପାଠୀ ଓ ଅଜିତ ଦାସ, କନ୍ଧମାଳ- ବିଧାୟକ ରମେଶ ଚନ୍ଦ୍ର ଜେନା, କେନ୍ଦ୍ରାପଡ଼ା- ଶାନ୍ତାୟନ ମିଶ୍ର, କେନ୍ଦୁଝର- ପୃଥିବଲ୍ଲଭ ପଟ୍ଟନାୟକ ଓ ସସ୍ମିତା ବେହେରା, ଖୋର୍ଦ୍ଧା- ସୁଜିତ ପାଢ଼ୀ ଓ ବାଙ୍କନିଧି ବେହେରା, କୋରାପୁଟ- ବିଧାୟକ ସତ୍ୟଜିତ ଗମାଙ୍ଗୋ, ମୟୁରଭଞ୍ଜ (ପୂର୍ବ)- ଯଶବନ୍ତ ଲାଗୁରି ଓ ତରୁଣ ମିଶ୍ର, ମୟୁରଭଞ୍ଜ (ପଶ୍ଚିମ) ନଳିନୀ ମହାନ୍ତି, ମାଲକାନଗିରି- ବିଧାୟକ ପବିତ୍ର ସାଉଂଟା ଓ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର- ବଳଭଦ୍ର ମାଝୀ ଓ ପୁରୁଷୋତମ ଗୁପ୍ତା, ନୂଆପଡ଼ା- ମୁରଲିଧର ନାୟକ, ନୟାଗଡ଼- ଅମିୟ ପଟ୍ଟନାୟକ ଓ ୟାସିର ନୱାଜ, ପୁରୀ- ମନୋରଞ୍ଜନ ଦାଶ ଓ ମନୋରଞ୍ଜନ ପଟ୍ଟନାୟକ, ରାୟଗଡ଼ା- ଦ୍ରୌପଦୀ ମାଝୀ ଓ ପ୍ରଦୀପ ମହାପାତ୍ର, ରାଉରକେଲା- ରାଜ କିଶୋର ଷଡ଼ଙ୍ଗୀ, ସମ୍ବଲପୁର- ସନ୍ତୋଷ ସିଂ ସାଲୁଜା ଓ ବିଜୟାନନ୍ଦ ଚାଉଳିଆ, ସୁବର୍ଣ୍ଣପୁର- ରତିକାନ୍ତ କାନୁନଗୋ ଓ ଗଣେଶ ସାହୁ, ସୁନ୍ଦରଗଡ଼- ମାନସ ମଲ୍ଲିକ ଓ ରଞ୍ଜନ ସେଠୀ ଦାୟିତ୍ୱରେ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଛେପ ଏବଂ ଆବର୍ଜନା ପାଇଁ ୫୮୧ ଜଣଙ୍କୁ ଜରିମାନା

**ଭୁବନେଶ୍ୱର,୫।୪ (ମହାଭାରତ):** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଅନ୍ତର୍ଗତ ଭୁବନେଶ୍ୱର ରେଳ ଷ୍ଟେସନରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଦ୍ୱାରା ଗତ ମାର୍ଚ୍ଚ ୨୦୨୫ରେ ରେଳ ଷ୍ଟେସନରେ ଛେପ ପକାଇବା ଏବଂ ଆବର୍ଜନା ପକାଇବା ପାଇଁ ୫୮୧ ଜଣଙ୍କୁ ଜରିମାନା ଆଦାୟ କରାଯାଇଅଛି । ଏହି କାର୍ଯ୍ୟ ସମଗ୍ର ରେଳ ପରିସରରେ ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା ପାଇଁ ଏକ ନିରନ୍ତର ପଦକ୍ଷେପର ଅଂଶ । ମାର୍ଚ୍ଚ ମାସରେ ଆଦାୟ କରାଯାଇଥିବା ମୋଟ ଜରିମାନା ପରିମାଣ ୧,୧୭,୧୦୦ ଟଙ୍କା ଅଟେ।




ଅଳିଆ ପକାଇବା ଏବଂ ଛେପ ପକାଇବାର ସମସ୍ୟାକୁ ଦୂର କରିବା ପାଇଁ ଚାଲିଥିବା ପ୍ରୟାସର ଅଂଶ ସ୍ୱରୂପ, ପରିଷ୍କାର ପରିଚ୍ଛନ୍ନତା ନିୟମାବଳୀ ଲାଗୁ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ ଗଠନ କରାଯାଇଛି । ଏହି କାର୍ଯ୍ୟ ବାହିନୀ ଷ୍ଟେସନ ପରିଚାଳକ, ଟିକେଟ୍ ସଂଗ୍ରହକାରୀ, ରେଳ ସୁରକ୍ଷା ବାହିନୀ (ଜଚର), ବାଣିଜ୍ୟିକ ଏବଂ ପରିଚାଳନା ବିଭାଗର ଅଧିକାରୀଙ୍କ ସହ ମିଶି କାର୍ଯ୍ୟ କରୁଛି । ସକ୍ରିୟ ତଦାରଖ ସହିତ, ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ରେଳ ଷ୍ଟେସନ ଏବଂ ଟ୍ରେନରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ଷ୍ଟେସନର ସାର୍ବଜନୀନ ଘୋଷଣା ପ୍ରଣାଳୀ ମାଧ୍ୟମରେ ଘୋଷଣା, ପୋଷ୍ଟର ଏବଂ ବ୍ୟାନର ବଣ୍ଟନ ଏବଂ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ଅନ୍ତର୍ଭୁକ୍ତ। ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ରେଳ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ଯଥା ଛେପ ପକାଇବା, ଅଳିଆ ପକାଇବା କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିମାନଙ୍କୁ ଜରିମାନା ଦେବାକୁ କ୍ଷମତା ଦିଆଯାଇଛି। ଏଥିରେ ରେଳ ପରିସର କିମ୍ବା କମ୍ପାର୍ଟମେଣ୍ଟରେ ଅଳିଆ ପକାଇବା, ଛେପ ପକାଇବା, ରୋଷେଇ କରିବା, ଗାଧୋଇବା, ପରିସ୍ରା କରିବା କିମ୍ବା ମଳତ୍ୟାଗ କରିବା ଭଳି କାର୍ଯ୍ୟ ଅନ୍ତର୍ଭୁକ୍ତ । ଏହାର ଲକ୍ଷ୍ୟ ହେଉଛି ସମସ୍ତ ଯାତ୍ରୀଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ମନୋରମ ଓ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ।

ପୂର୍ବତଟ ରେଳପଥର କଠୋର ସତର୍କତା ଉପରେ ଧ୍ୟାନ ଏହାର କ୍ଷେତ୍ରାଧିକାର ମଧ୍ୟରେ ଥିବା ସମସ୍ତ ଷ୍ଟେସନରେ ବିସ୍ତାର କରାଯାଇଛି ଯାହାଦ୍ୱାରା ଷ୍ଟେସନ ପରିଚାଳନାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ଏବଂ ଉଲ୍ଲଂଘନ ପାଇଁ ଦଣ୍ଡ ଲାଗୁ କରିବାର ଦାୟିତ୍ୱ ରହିଛି।

# କ୍ୟାନସର ବଢାଉଛି କୀଟନାଶକ ଛିଞ୍ଚନ

**ଭୁବନେଶ୍ୱର,୫।୪ (ମହାଭାରତ):** ଅଧିକ କୀଟନାଶକ ବ୍ୟବହାର ଯୋଗୁଁ ବଢୁଛି କ୍ୟାନସର୍ ଆଶଙ୍କା। ବିଧାନସଭାରେ କିଛି ଏପରି ମନ୍ତବ୍ୟ ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢୁଥିବା ନେଇ ମନ୍ତ୍ରୀ ଚିନ୍ତା ପ୍ରକଟ କରିଥିବା ବେଳେ, ଏହା କାରଣ ଫସଲରେ କୀଟନାଶକ ଛିଞ୍ଚନ କରିବାକୁ ଦାୟୀ କରିଛନ୍ତି।

ମନ୍ତ୍ରୀଙ୍କ କହିବାନୁଯାୟୀ, ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କ୍ୟାନସର ରୋଗୀଙ୍କ ସଂଖ୍ୟା ବଢୁଥିବାର ମୁଖ୍ୟ କାରଣ ହେଉଛି ଫସଲରେ ଅଧିକ କୀଟନାଶକ ବ୍ୟବହାର କରାଯାଉଛି। ଯେଉଁଥିରେ ଜମିର ଗୁଣବତ୍ତା ନଷ୍ଟ ହେଉଛି ଓ କ୍ୟାନସର୍ ଭଳି ରୋଗ ବ୍ୟାପୁଛି। ଏଥିପାଇଁ ବଳଭଦ୍ର ଜୈବିକ ମିଶନକୁ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଜୈବିକ ଚାଷ କ୍ଷେତ୍ରଫଳ ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଣୁ ଏନେଇ ଅଧିକ ସଚେତନାତା ଜାରି କରାଯିବ। ଜେବିକ ଚାଷ ନେଇ ଚାଷୀ ଭାଇ ମାନଙ୍କୁ ଅଧିକ ଅବଗତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଆଜି ଗୃହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେଭି ସିଂ ଦେଓଙ୍କ ପାଇଁ ଏହି ଉତ୍ତର ରଖିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

# ଆଇସିଏଆର ସିଫାର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୫।୪ (ମହାଭାରତ):** ଆଇସିଏଆର୍-କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା)ର ୩୮ତମ ବାର୍ଷିକ ଉତ୍ସବ କୌଶଲ୍ୟାଗଂଗସ୍ଥିତ ମୁଖ୍ୟାଳୟ ଠାରେ ଆଜି ପାଳିତ ହୋଇଯାଇଛି। ୧୯୮୭ ମସିହା ଆଜିର ଦିନରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ତରଫରୁ ସିଫା ପ୍ରତିଷ୍ଠା ହୋଇଥିଲା। ଏହି ଉତ୍ସବରେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଂଜୟ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମଧୁର ଜଳକୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ମହାପାତ୍ର ସିଫାର ୩୮ତମ ବାର୍ଷିକ ଉତ୍ସବ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଏହି ଅନୁଷ୍ଠାନଟି ଗବେଷଣା, ପ୍ରକାଶନ ଓ ପ୍ୟାଟେଂଟ ହାସଲ କ୍ଷେତ୍ରରେ ପ୍ରମୁଖ ସଫଳତା ହାସଲ କରିବା ସହିତ ଏହାର ଗବେଷଣାଲବ୍ଧ ବ୍ୟବହାରିକ ଜ୍ଞାନକୁ କୃଷକମାନଙ୍କ ନିକଟରେ ପହଂଚାଇବା ପାଇଁ ପ୍ରାଥମିକତା ଦେଇଛି। ସାଧାରଣ ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ, ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଓ ମହିଳା ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ରାଷ୍ଟ୍ରର ଅଗ୍ରଗତିରେ ସହାୟକ ହେବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ସେ ପ୍ରକାଶ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ୍ ପ୍ରତାପ ସମ୍ମାନୀତ ଅତିଥିରୂପେ ଯୋଗଦାନ କରିଥିଲେ। ପ୍ରାକ୍ତନ କର୍ମଚାରୀଙ୍କୁ ସିଫାଦ୍ୱାରା ସମ୍ମାନୀତ କରାଯାଇଥିବାରୁ ସେ ଆନନ୍ଦ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, କୌଣସି ଅନୁଷ୍ଠାନର ସଫଳତା ବର୍ତମାନ କାର୍ଯ୍ୟରତ ଥିବା କର୍ମଚାରୀଙ୍କ କାର୍ଯ୍ୟଯୋଗୁ କେବଳ ନୁହେଁ ପରନ୍ତୁ ପ୍ରାକ୍ତନ କର୍ମଚାରୀଙ୍କ କଠୋର ପରିଶ୍ରମ, ସମର୍ପିତ ମନୋଭାବ, ଅଧ୍ୟବସାୟ ଯୋଗୁଁ ସମ୍ଭବ ହୋଇପାରିଛି। ସେମାନଙ୍କର ପରିଶ୍ରମକୁ ପ୍ରଶଂସାକରି ତାଙ୍କୁ କୃତଜ୍ଞତା ଜଣାଇଲେ ବର୍ତମାନ ଏବଂ ଭବିଷ୍ୟତର ପିଢୀମାନେ କାର୍ଯ୍ୟକରିବାକୁ ଉତ୍ସାହିତ ହେବେ।




# ଓଡ଼ିଆ ପକ୍ଷ ପାଳନ ପାଇଁ ସ୍ୱତନ୍ତ୍ର ୱେବସାଇଟ୍

**ଭୁବନେଶ୍ୱର,୫।୪ (ମହାଭାରତ):** ଆମ ରାଜ୍ୟରେ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନକୁ ନେଇ ଏକ ସ୍ୱତନ୍ତ୍ର ୱେବସାଇଟର ମଧ୍ୟ ନିର୍ମାଣ କରାଯାଇଛି ।ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ସବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ଏପ୍ରିଲ ୧ ତାରିଖ ଠାରୁ ନେଇ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ତରଫରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି। ଏଥିସହିତ ୱେବସାଇଟରେ ଓଡ଼ିଆ ପକ୍ଷ ପାଳନ ସମ୍ବନ୍ଧୀୟ ଏକ କୁଇଜ୍ ମଧ୍ୟ ରଖାଯାଇଛି। ଏହି କୁଇଜ୍‌ରେ ଓଡ଼ିଶାର ବରପୁତ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ପ୍ରଶ୍ନ ରହିଛି। ସମସ୍ତ ପ୍ରତିଭାଗୀମାନେ କୁଇଜ୍‌ରେ ଅଂଶଗ୍ରହଣ କରି ନିଜର ଡିଜିଟାଲ୍ ପ୍ରମାଣପତ୍ର ମଧ୍ୟ ଡ଼ାଉନଲୋଡ୍ କରିପାରିବେ। ଏଥିସହିତ ନିଜ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ଲକ, ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସେଲ୍ଫି ମଧ୍ୟ ଏହି ଓଡ଼ିଆ ପକ୍ଷ ୱେବସାଇଟରେ ଅପଲୋଡ଼୍ କରିପାରିବେ। ଆସନ୍ତୁ ସମସ୍ତେ ମିଳିମିଶି ଓଡ଼ିଆ ପକ୍ଷ ପାଳନ କରିବା। ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରାକୁ ପୁନଶ୍ଚ ବିଶ୍ୱ ବିଦିତ କରାଇବା।

# କୌଣସି ମେଗା ପାନୀୟଜଳ ପ୍ରକଳ୍ପ ଠିକ୍ ସମୟରେ ସରି ନାହିଁ

**ଭଭୁବନେଶ୍ୱର,୫।୪ (ମହାଭାରତ):** ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ରାଜ୍ୟରେ ୨୩ଟି କମ୍ପାନୀ ନିୟୋଜିତ ହୋଇଥିବାବେଳେ ଗୋଟିଏ ହେଲେ କମ୍ପାନୀ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସାରି ନାହାନ୍ତି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ନବି ନାରାୟଣ ନାଏକ। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବର୍ତ୍ତମାନ ୨୩ଟି କମ୍ପାନୀ ନିୟୋଜିତ ଅଛନ୍ତି । ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ସମୟସୀମା ମଧ୍ୟରେ କୌଣସି କମ୍ପାନୀ ଦ୍ୱାରା କାର୍ଯ୍ୟ ଶେଷ ହୋଇନାହିଁ।

# ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବ ଅନ-କଲ୍ କୃତ୍ରିମ ପ୍ରଜନନ ସେବା

**ଭୁବନେଶ୍ୱର,୫।୪ (ମହାଭାରତ):** ଅନ-କଲ୍ କୃତ୍ରିମ ପ୍ରଜନନ (ଏଆଇ) ସେବା ଗୋପାଳନ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ବ୍ୟାପକ ପରିବର୍ତନ ଆଣିବ । ଗୋପାଳକମାନେ ଏହି ସେବା ଘରେ ବସି ପାଇ ପାରିବେ। ଏଥି ପାଇଁ ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ବିଭାଗ ପକ୍ଷରୁ ଟୋଲ୍-ଫ୍ରି ନମ୍ବର '୧୫୫୩୩୩'ର ବ୍ୟାପକ ସୁଯୋଗ ନେବାକୁ ନିବେଦନ କରାଯାଇଛି। ଏହି ବ୍ୟବସ୍ଥାରେ ଜଣେ ଚାଷୀ କଲ୍ କରିବା ପରେତାଙ୍କ ନାମ ପଞ୍ଜିକୃତ କରାଯାଇଥାଏ । କୃତ୍ରିମ ପ୍ରଜନନ ପାଇଁ ପ୍ରଜନନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଏ ଏବଂ ଏକ ଓଟିପି-ଆଧାରିତ ଯାଞ୍ଚ ବ୍ୟବସ୍ଥା ବ୍ୟବହାର କରି କାର୍ଯ୍ୟ ସମାପ୍ତ କରାଯାଇଥାଏ । ସୂଚନାଯୋଗ୍ୟ, ଏହି ସେବା ପ୍ରଦାନ କରିବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ । ଏହା ସେବା ଦ୍ୱାରା ରାଜ୍ୟର ଗୋପାଳକମାନଙ୍କୁ ସମୟ ଅନୁସାରେ ସହାୟତା ମିଳିପାରୁଛି । ଦକ୍ଷ ଟ୍ରାକିଂ ଓ ମନିଟରିଂ ଦିଗରେ ଏହା ମଧ୍ୟ କାର୍ଯ୍ୟ କରୁଛି ।ଏହି ସେବା ପ୍ରଦାନ ମାଧ୍ୟମରେ ରାଜ୍ୟରେ ଗୋପାଳନର ଆଧୁନିକୀକରଣ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧିର ପ୍ରତିବଦ୍ଧତାକୁ ରାଜ୍ୟ ସରକାର ଦୋହରାଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା ଆୟୋଜନ ଅବସରରେ ଓଡ଼ିଶାର ଦଶ ଜଣ କୃତ୍ରିମ ପ୍ରଜନନକାରୀଙ୍କୁ ଏହି ସେବା ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଶ୍ରେଷ୍ଠ କୃତ୍ରିମ ପ୍ରଜନନକାରୀମାନେ ରାଜ୍ୟର ଦଶଟି ଜିଲ୍ଲା ଯଥା: ବାଲେଶ୍ୱର, ଭଦ୍ରକ, ବରଗଡ଼, କଟକ, ଗଞ୍ଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଏବଂ ପୁରୀକୁ ପ୍ରତିନିଧିତ୍ୱ କରୁଛନ୍ତି, ଯେଉଁଠାରେ ବର୍ତ୍ତମାନ ଅନ-କଲ୍ କୃତ୍ରିମ ପ୍ରଜନନ ସେବା କାର୍ଯ୍ୟକ୍ଷମ ଅଛି। ଆଗାମୀ ଦିନରେ ଅନ୍ୟ ଜିଲ୍ଲା ମାନଙ୍କରେ ଏହି ସେବା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି।

# ନ୍ୟାୟାଳୟର ନିଷ୍ପତ୍ତି

ଅନେକ କ୍ଷେତ୍ରରେ ନ୍ୟାୟାଳୟର ନିଷ୍ପତ୍ତି ଉଚିତ ହେଉନାହିଁ ବୋଲି ଅନେକ ବିଚାର କରୁଛନ୍ତି। ଏପରିକି ସୁପ୍ରିମକୋର୍ଟର ବିଚାରପତିଙ୍କ ବିଶ୍ୱସନୀୟତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଚାରପତି ଚୟନ ପ୍ରକ୍ରିୟା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଦିଲ୍ଲୀ ହାଇକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଘରୁ ନଗଦ ୧୫ କୋଟି ଟଙ୍କା ମିଳିବା ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି ଏବଂ ଅନେକଙ୍କୁ ସ୍ତବ୍ଧ ଚକିତ କରି ଦେଇଛି। ବିଚାର ବ୍ୟବସ୍ଥା ପ୍ରତି ଲୋକଙ୍କର ଯେଉଁ ଆସ୍ଥା ଏବଂ ବିଶ୍ୱାସ ରହିଛି ତାହା ଦୋହଲିଯାଇଛି। ଏହା ଏକ ଅତି ସମ୍ବେଦନଶୀଳ ଘଟଣା। ଏହାକୁ ନେଇ ଶସ୍ତା ବୟାନବାଜି କରାଯିବା ଅନୁଚିତ। ଏହି ଘଟଣାକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଗୁରୁତ୍ୱର ସହ ନେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନା ଜଣେ ଦକ୍ଷ ଏବଂ ଦାୟିତ୍ୱସମ୍ପନ୍ନ ବିଚାରପତି। ତାଙ୍କଠାରୁ ଏହି ପ୍ରସଙ୍ଗରେ ଉଚିତ ନ୍ୟାୟ ମିଳିବା ଆଶା କରାଯାଉଛି। ଏହାର ତଦନ୍ତ ନିମନ୍ତେ ସେ ଏକ ତିନି ଜଣିଆ କମିଟି ଗଠନ କରିଛନ୍ତି। କମିଟିରେ ୨ଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ କର୍ଣ୍ଣାଟକ ହାଇକୋର୍ଟର ଜଣେ କାର୍ଯ;ୟରତ ବିଚାରପତି ସଭ୍ୟ ଅଛନ୍ତି। କମିଟି ରିପୋର୍ଟ ଆସିଲେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନିଆଯିବ। ତାଙ୍କୁ ହୁଏତ ସୁପ୍ରିମକୋର୍ଟଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ବହିଷ୍କାର କରିପାରନ୍ତି। ଯେଉଁ ବିଚାରପତିଙ୍କ ଘରୁ ଏତେ ପରିମାଣର ଟଙ୍କା ମିଳିଛି ସେ ହେଲେ ଜଷ୍ଟିସ ଯଶଓ୍ୱନ୍ତ ବର୍ମା। ଅତୀତରେ ସେ ଏକ ସିବିଆଇ ମାମଲାରେ ମଧ୍ୟ ଛନ୍ଦି ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ମାମଲା ବନ୍ଦ ହୋଇଯାଇଛି। ତେଣୁ ଜଷ୍ଟିସ ବର୍ମା ଜଣେ ବିବାଦୀୟ ବ୍ୟକ୍ତି ବୋଲି କହିଲେ ଭୁଲ ହେବ। ଏବେ ଜଷ୍ଟିସ ବର୍ମାଙ୍କୁ ନ୍ୟାୟିକ ଦାୟିତ୍ୱରୁ ବାରଣ କରାଯାଇଛି। ତାଙ୍କୁ କୌଣସି କେସ ଦିଆଯିବ ନାହିଁ। କିଛି ଦିନ ତଳେ ତାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। କିନ୍ତୁ ଆହ୍ଲାବାଦ ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ତାଙ୍କୁ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସାରା ଦେଶରେ ଜଷ୍ଟିସ ବର୍ମାଙ୍କ ବିରୋଧରେ ଓକିଲମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ତାଙ୍କୁ ବର୍ଜନ କରିବାକୁ ବିଭିନ୍ନ ହାଇକୋର୍ଟ ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସେ ଯେଉଁ ହାଇକୋର୍ଟକୁ ଯିବେ ସେଠାରେ ତାଙ୍କୁ ବିରୋଧ କରାଯିବ। ସମ୍ଭବତଃ ଜଷ୍ଟିସ ବର୍ମାଙ୍କ ବିଚାରପତି ଭାବେ କ୍ୟାରିୟରର ଅନ୍ତ ଏହିଠାରେ ହେଲା ବୋଲି ଧରିନିଆଯିବ। ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ଜଷ୍ଟିସ ବର୍ମାଙ୍କ ସମ୍ପର୍କରେ ଯାହା ବି ରିପୋର୍ଟ ଦିଅନ୍ତୁ ନା କାହିଁକି ତାଙ୍କୁ ଅତି ବେଶୀରେ ପଦରୁ ବହିଷ୍କାର କରିବେ। କିନ୍ତୁ ଏହା ଯଥେଷ୍ଟ ନୁହେଁ। ଯଦି ସେ ବାସ୍ତବରେ ଦୋଷୀ ହୋଇଥିବେ ବା ଦୁର୍ନୀତିରେ ସମ୍ପୃକ୍ତ ଥିବାର ଯଥେଷ୍ଟ ପ୍ରମାଣ ମିଳେ ତେବେ ତାଙ୍କ ବିରୋଧରେ ଦୁନୀତି ନିବାରଣ ଆଇନ ଅନୁଯାୟୀ ଫୌଜଦାରୀ ମାମଲା ରୁଜୁ ହେବା ଉଚିତ। ଜଣେ ସାଧାରଣ ସରକାରୀ କର୍ମଚାରୀ ଦୁର୍ନୀତି କଲେ ତାଙ୍କ ବିରୋଧରେ ଯେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ, ଜଣେ ସେନାଧିକାରୀ, ବରିଷ୍ଠ ପୋଲିସ ବା ତଦନ୍ତକାରୀ ସଂସ୍ଥାର ଅଧିକାରୀ କିମ୍ବା ବିଚାରପତି ଯଦି ଦୁର୍ନୀତି ଗ୍ରସ୍ତ ବୋଲି ପ୍ରମାଣିତ ହୁଅନ୍ତି ତେବେ ତାଙ୍କ ବିରୋଧରେ ଅଧିକ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ନ୍ୟାୟାଳୟ ପ୍ରତି ସାଧାରଣ ନାଗରିକର ଆସ୍ଥା ଏବଂ ବିଶ୍ୱାସ ପୁନଃପ୍ରତିଷ୍ଠିତ ହେବା ନିହାତି ଜରୁରୀ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପକିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାସ୍କ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପକିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

**॥ ଅଜୟ କୁମାର ବେହେରା ॥**

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱାଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଚଶାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୂ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

**॥ ଅଭୟ କୁମାର ଦାସ ॥**

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଓ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତ୍ତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

ଗୋଡରା, ମାହାଙ୍ଗା, କଟକ

ଦୂରଭାଷ : ୯୪୩୭୧୪୨୭୧୭

## ଡାଲମିଆଁ ଭାରତ ତରଫରୁ ନୂତନ ଗୃହ ଲୋକାର୍ପଣ



ବଡ଼ଚଣା(ମହାଭାରତ ): ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତର ବୁଢାକେନ୍ଦୁଆ ଠାରେ ଥିବା ନେସେନ ଶିଶୁ ପରିଚର୍ଯା କେନ୍ଦ୍ରରେ, ଏକ ପ୍ରଥମ ମହାଲା କୋଠଘରକୁ ଆଜି ଲୋକାର୍ପଣ ହୋଇଯାଇଛି । ଯାଜପୁର ଓ କଟକ ଜିଲ୍ଲାର ସିମାବର୍ତୀ ଠାରେ ଥିବା ଡାଲମିଆ ଭାରତର ଗ୍ରୁପର କପିଳାସ ସିମେ□ ମାନୁଫ୍ୟାଚର ଇଉନିଟ ର ପାରିପାର୍ଶ୍ୱିକ ଉତ୍ତୟନ ପାଣ୍ଠିରୁ ୭.୯୮ ଲକ୍ଷ ବ୍ୟୟ ଅଟକଳରେ ନିମ୍ରାଣ କରାଯାଇଛି ।ଉକ୍ତ ଗୃହକୁ ଆଜି ଆନୁଷ୍ଠାନିକ ଭାବେ ଅନ୍ତେବାସୀଙ୍କ ବ୍ୟବହାର କରିବା ପାଇଁ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଙ୍ଗିନୀ ଲେଡିଜ୍ କ୍ଲବର ସଭାପତି ଶ୍ରୀମତୀ ଅଞ୍ଜଳି ଗୁପ୍ତା , କେସିଡବ୍ଲ୍ୟୁ ର ଇଉନିଟ ମୂଖ୍ୟ ପଙ୍କଜ ଗୁପ୍ତା ଓ କେସିଡବ୍ଲ୍ୟୁ ର ଏଚ୍ ଆଇ ମୂଖ୍ୟ ଦୀଲ୍ଲିପ କୁମାର ପାଣିଗ୍ରାହୀ ଯୋଗ ଦେଇ ଉକ୍ତ ଗୃହକୁ ଉଦଘାଟନ କରିଥିଲେ ।ଉକ୍ତ ଗୃହଟି ବିଶେଷ କରି ଛାତ୍ରୀଙ୍କୁ ରହିବା ରେ ନିରାପଦ ହେବ ବୋଲି ନେସନର ସମ୍ପାଦକ ପ୍ରଦୁମ୍ନ ପାତ୍ର ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କବିତା ସାହୁ, ସନ୍ତୋଷ ନାୟକ କାଯର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନିମ୍ନ ମାନର ପାଣି ବୋତଲର ଅବାଧ ବିକ୍ରି ସ୍ଥାନୀୟ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା

ଆସିକା,(ମହାଭାରତ) ଗତ କିଛି ମାସ ହେବ ସବୁ ସହରାଞ୍ଚଳ ଗୁଡିକରେ ପଲିଥିନ ଚଢାଉକୁ ଜୋରଦାର କରିବା ପରେ ପଲିଥିନ୍ ବ୍ୟବହାର ସାମାନ୍ୟ ହ୍ରାସ ପାଇଛି ଯ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ଉପରେ କଟକଣା ଲାଗିବା ପରେ ବିଶେଷ ଭାବେ ପ୍ରଭାବ ପଡିଛି ପାଣି ପ୍ୟାକେଟ ଉପରେ । ଗ୍ରାମାଞ୍ଚଳରେ ଏବେ ବି ପାଣି ପାଉଚ ବିକ୍ରି ହେଉଥିବା ବେଳେ ସହରା□ଳରେ ପ୍ରାୟତଃ ପାଉଚ ପାଣି ବିକ୍ରି ବନ୍ଦ ହୋଇଯାଇଛି । ପାଣି ପାଉଚ ର ବିକଳ୍ପ ଭାବେ ମୁଣ୍ଡ ଟେକିଛି ପାଣି ବୋତଲ । ହେଲେ ଉଦ୍ବେଗର ବିଷୟ ଯେ, ବର୍ତ୍ତମାନ ନିମ୍ନ ମାନର ପାଣି ବୋତଲ ବଜାରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ଆସିକା ଏନଏସି ବଜାରରେ ଏହା ଏକ ଚିନ୍ତାର ବିଷୟ ପାଲଟିଛି । ସହରରେ ନିମ୍ନ ମାନର ପାଣି ବୋତଲର ଅବାଧ ବିକ୍ରି ବଢିବାରେ ଲାଗିଛି । ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଏହାକୁ ଆଖି ଆଗରେ ରଖି ନକଲି ପାଣି ବୋତଲ ବିକ୍ରି ମୁଣ୍ଡ ଟେକିଛି । ହାତ ଗଣତି ଭଲ କମ୍ପାନୀର ଉତ୍ପାଦ ପାଣି ବିକ୍ରି ହେଉଥିବା ବେଳେ ପ୍ରାୟ ୧୦ରୁ ଅଧୀକ କମ୍ପାନୀର ନିମ୍ନ ମାନର ପାଣିବୋତଲ ସ୍ଥାନୀୟ ବଜାରରେ ବିକ୍ରି ହେଉଥିବା ଲକ୍ଷ୍ୟ କରାଯାଇଛି, ତାହା ବି ପୁଣି ଲିଟର ପିଛା ୨୦ ଟଙ୍କାରେ । ପ୍ରକାଶ ଥାଉକି ଗତ କିଛି ବର୍ଷ ହେବ ପାନୀୟ ଜଳ ରୂପେ ପାଣି ବୋତଲ ଏକ ଫେସନରେ ପରିଣତ ହୋଇଯାଇଛି । ଭୋଜି ଭାତରୁ ଆରମ୍ଭ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟରେ କୌଣସି ଛୋଟବଡ଼ କାର୍ଯ୍ୟକ୍ରମରେ ପ୍ରଥମେ ଲୋଡ଼ା ପଡୁଛି ପାଣି ବୋଟଲା



ଯ ୨୦୦ ମିଲି ଠାରୁ ଆରମ୍ଭ କରି ୩୦୦ମିଲି, ୫୦୦ମିଲି ଓ ଏକ ଲିଟର ଓ ୨ଲିଟିରଓ ୫ଲିଟର ବିଶିଷ୍ଟ ପାଣି ବୋତଲ ବିକ୍ରି ହେଉଛି । କିନ୍ତୁ ଉଦବେଗର ବିଷୟ ଏହା ଯେ, ଗତ କିଛି ବର୍ଷ ହେଲା କିଛି ହାତଗଣତି ସରକାର ସ୍ୱୀକୃତିପ୍ରାପ୍ତ ପାଣି ବୋତଲ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହାର ସଂଖ୍ୟା ବଢିବାରେ ଲାଗିଛି ।୨୦୦୬ ମସିହାରୁ ଦେଶରେ ପ୍ରଚଳିତ ଖାଦ୍ୟ ସୁରକ୍ଷା ଓ ମାନ ର୍ନିଧାରଣ ଆଇନ ହେବା ପରେ ସମସ୍ତ ପାନୀୟ ଜଳ ଉଦ୍ୟୋଗୀଙ୍କୁ ଆଇଏସ ଆଇ ସହିତ ସମସ୍ତ ନିୟମ ପାଳନ କରୁଥିବା । ସରକାରଙ୍କ କ୍ରୀଡା ପଞ୍ଜିକୃତ ଏଫଏସଏସ ଆଇ ଟ୍ରେଡ଼ ମାର୍କ ଆବଶ୍ୟକ ପଡୁଥିବା ବେଳେ ଅନେକ କମ୍ପାନୀର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆସିକା ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ବେନାମୀ କମ୍ପାନୀର ଅତ୍ୟନ୍ତ ନିମ୍ନ ମାନର ପାଣି ବୋତଲ ବିକ୍ରି ହେଉଥିଲେ ମଧ ସତେ ଯେପରି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ କୌଣସି ଖବର ନାହିଁ ।ଅନେକ ସମଜରେ ପାଣି ବୋତଲ ମଧ୍ୟରେ କିଛି ପଦାର୍ଥ ଭାସୁଥିବା ନଜର ଆସୁଥିବା ବେଳେ ପାଣିର ସ୍ୱାଦ ମଧ୍ୟ ଅତ୍ୟନ୍ତ ନିମ୍ନ ମାନର ଏବଂ ବେଳେ ବେଳେ ବୋତଲରେ ମଧ ଏକ୍ସପଇରୀ ତାରିଖ ମଧ ରହୁନି ଆସିକା ଅ□ଳରେ ଛତୁ ଫୁଟିଲା ଭଳି ପାଣି ଫ୍ୟାକ୍ଟ୍ରି ଦିନକୁ ଦିନ ଗଢି ଉଠୁଥିବା ବେଳେ ସରକାରଙ୍କ ଦ୍ୱାରା ପଞ୍ଜିକୃତ କେତୋଟି ପାଣି ଫ୍ୟାକ୍ଟିର ରହିଛି ତାହା ବର୍ତ୍ତମାନ ସନ୍ଦେହ ଘେରରେ । ଏ ଦିଗରେ ବିଭାଗୀୟ ଅଧିକାରୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ସ୍ଥାନୀୟ ଜନସାଧାରଣ ମତ ପ୍ରକାଶ ପାଉଛି ।

## ନିଜୁଗାଣା ଗାଁ ପାଇଁ ବିଲ ଚୁଆ ପାଣି ହିଁ ଭରଷା, ମିଳୁନାହିଁ ପାନୀୟଜଳ

କନ୍ଧମାଳ :(ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ଗିଉଗାଡି ୱାର୍ଡ଼ ନିଜୁଗାଣା ସାହିରେ ପାନୀୟଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଦିଁଘ ବର୍ଷରୁ ଏହି ସାହିର ଲୋକେ ବିଳ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଖରା ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳ ବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି । ଖରା ଦିନେ ବିଳ ନାଳରେ ଚୁଆ କୁଳି ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି । ଅନ୍ୟ ପଟେ ଏହି



ପାନୀୟଜଳ ଅସୁବିଧା କୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି । ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ଗିଉଗାଡି ୱାର୍ଡ଼ ନିଜୁଗାଣା ସାହିରେ ନଳକୂପ ର୍ନିମାଣ ପାଇଁ ଗ୍ରାମ ବାସୀ ଦାବି କରିଛନ୍ତି ପୂର୍ବତନ ୱାର୍ଡ଼ ମେମ୍ବର ଅଜିବନ ଦିଗାଲ, ମାନସ ରଞ୍ଜନ ପ୍ରଧାନ,ରାହୁଲ ଦିଗାଲ, ମିଥୁନ ଦିଗାଲ, ସରୋଜ ଦିଗାଲ, ସଜେଇ ମତି ଦିଗାଲ,କାଜଲ ଦିଗାଲ,ନାଟୁ କହଁର,ସାରିଆ ଦିଗାଲ, ଅଭିମନ୍ୟୁ କହଁର, ମୃତ୍ୟୁଞ୍ଜୟ ଦିଗାଲ, ରାଜୁ ପ୍ରଧାନ,ଉତ୍ତମ କହଁର, ମନୋଜ ପ୍ରଧାନ, ଘାସିରାମ ଦିଗାଲ, ମଞ୍ଜୁଲତା ଦିଗାଲ ସମାଜ ସେବୀ ରାଜିବ କୁମାର ଦିଗାଲ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ୬୨ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶନିବାର ଦିନ ୬୨ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦର ମେରାଇନ୍ ସାଇଟ୍ ଅଫିସଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗ ଦେଇ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବନ୍ଦର ଭାବେ ନିଜର ସ୍ୱାତନ୍ତ୍ରତା ପ୍ରତିପାଦିତ କରି ପାରିଛି । ଏହି ସଫଳତା ପଛରେ ପାରାଦୀପ ବନ୍ଦରରେ ଗ୍ରୀନ୍ ଟଗ୍ ଉପଯୋଗୀ ହେବାକୁ ଯାଉଛି । ଏଥି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ଖୁବ୍ ଶ୍ରୀଘ୍ର ଏହା କାର୍ଯ୍ୟକ୍ଷମ ହେଲେ ଦେଶରେ ଏହା ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ । ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇ ସମଗ୍ର ବିଶ୍ୱରେ ନୌବାଣିଜ୍ୟର ଚିତ୍ର ବଦଳିଛି । ଜାତୀୟ ନୌବାଣିଜ୍ୟ ଦିବସ ପାଳନ ଆମକୁ ଆଗକୁ ଯିବାକୁ ପ୍ରେରଣା ଦେଇଥାଏ ବୋଲି ଶ୍ରୀ ଦାସଗୁପ୍ତା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଟ୍ରାଫିକ ଉପଦେଷ୍ଟା ଏ.କେ.ବୋଷ, ଉପସଂରକ୍ଷକ କ୍ୟାପ୍ଟେନ୍ ଏ.ସି.ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବତନ ଉପସଂରକ୍ଷକ କ୍ୟାପ୍ଟେନ୍ ଅତୁଲ୍ୟ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ହାରବର ମାଷ୍ଟର କ୍ୟାପଟେନ୍ ଇନ୍ଦ୍ରନିଲ୍ ମୁଖାର୍ଜୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମୁଦ୍ରିକ ଯନ୍ତ୍ରୀ ବବୁଲ୍ ସିକନ୍ଦର ଧନ୍ୟବାଦ ଦେଇଥିଲେ ।

## ଡିଏଭି ପବ୍ଲିକ ସ୍କୁଲ ପାରାଦୀପର ୧୬ତମ ପ୍ରତିଷ୍ଠା ଦିବସ ନବାକାଂକ୍ଷ୍ୟା ପାଳିତ




ପାରାଦୀପ(ମହାଭାରତ): ପାରାଦୀପ ବଡପଡିଆସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୧୬ତମ ପ୍ରତିଷ୍ଠା ଦିବସ ନବାକାଂକ୍ଷ୍ୟା ଶନିବାର ସଂନ୍ଧ୍ୟାରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପିଆଇସିଟି ୟୁନିଟ୍ ହେଡ୍ ରାଜେଶ କୁମାର ନାୟକ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପାରାଦୀପ ବନ୍ଦର ସିଏଓ ଡି.ଏନ୍.ସୋଣ୍ଠୀ, ପିପିଏଲ୍ ଡିଏଭି ସ୍କୁଲ ଅଧ୍ୟକ୍ଷ ସଂଜୀବ ସାହୁ, ଇଫକୋ ଡିଏଭି ସ୍କୁଲ ଅଧ୍ୟକ୍ଷ ସଂଜୀବ ସୁକୁମାର ଚିନାରା ଯୋଗ ଦେଇଥିଲେ । ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ସ୍ୱାଗତ ଭାଷଣ ସହିତ ସ୍କୁଲର ସଫଳତାର ବାର୍ତ୍ତା ଉପସ୍ଥାପନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଛାତ୍ରଛାତ୍ରୀ, ଅଭିଭାବକଙ୍କ ସମେତ ସ୍କୁଲର ଶିକ୍ଷକଶିକ୍ଷୟତ୍ରୀମାନେ ଏହି ୧୬ତମ ବାର୍ଷିକ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ଓଡିଆ ପକ୍ଷ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଐତିହ୍ୟ ଗଣଦୌଡ

କଳାହାଣ୍ଡି /ମହାଭାରତ :ଭବାନୀପାଟଣା: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଓଡିଆ ପକ୍ଷ ଏପ୍ରିଲ ପାହିଲାରୁ ଆରମ୍ଭ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜ ନ କରାଯାଇ ସମଗ୍ର ରାଜ୍ୟରେ ପାଳନ କରାଯାଉଅଛି । ଏହା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ।ଏହି ପରିପ୍ରେକ୍ଷିରେ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ, କ୍ରିଡା ଓ ଯୁବସେବା ବିଭାଗ ତରଫରୁ ଜିଲ୍ଲା ସଦର ମହକୁମା ଭବାନୀପାଟଣା ଠାରେ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ମାଁ ମାଣିକେଶ୍ୱରୀ ମନ୍ଦିରରୁ ଶୁଭାରମ୍ଭ କରାଯାଇ ଘୋଡାଘାଟ ଛକ ଦେଇ ମାଁ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ପତାକା ଦେଖାଇ ଏହାର ଶୁଭ ଉଦଘାଟନ କରିଥିଲେ ଏବଂ ଏହି ଐତିହ୍ୟ ଗଣଦୌଡରେ ସାମିଲ ହୋଇ ଛାତ୍ରଛାତ୍ରୀ ଯୁବ ଗୋଷ୍ଠୀଙ୍କୁ ଉତ୍ସାହିତ କରିବା ସହ ଓଡିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସା) ତନ୍ମୟ କୁମାର ଦରଓ୍ୱାନ, ଉପ-ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଉପ-ନିର୍ଦ୍ଦେଶକ ପ୍ଲାନିଙ୍ଗ ଶ୍ରୀକାନ୍ତ ଦଳାଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଡେପୁଟି ରେଜିଷ୍ଟର ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଜୟଦେବ ସାହୁ, ର୍ନିବାହୀ ଅଧିକାରୀ ପୌରପାଳିକା ଚିନ୍ମୟ କୁମାର ନାଏକ, ଗୋଷ୍ଠୀ ଉତ୍ତୟନ ଅଧିକାରୀ ଚନ୍ଦନ ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ସହକାରୀ ଜିଲ୍ଲାପାଳ ଶରତ ଚନ୍ଦ୍ର ସାହୁ, ଆଇନଜୀବୀ ଜୟ ଶଙ୍କର ନାଏକ, ପ୍ରୋଗ୍ରାମ ଅଫିସର ଅଂଶୁମାନ ବାବୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

## ପୁଣି କମ୍ବଳ ବାନ୍ଧି ଦୋଳାରେ ବୁହା ହେଲେ ରୋଗୀ

ଥୁଆମୂଳ ରାମପୁର, (ମହାଭାରତ) : ଗାଁ କୁ ରାସ୍ତା ସୁବିଧା ନ ଥିବାରୁ ଆମ୍ବୁଲାନ୍ସ ଯାଇପାରୁନି ।ସେଥିପାଇଁ ଗର୍ଭବତୀ ମହିଳା ହେଉ ଅଥବା ଗୁରୁତର ରୋଗୀଙ୍କୁ କମ୍ବଳ ବାନ୍ଦୀ ନହେଲେ ଖଟିଆ ରେ ବୋହି କି ନେବାକୁ ପଡୁଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କେରପାଇ ପଂଚାୟତ ଅନ୍ତର୍ଗତ ମୁରଲୀ ମୁହିଁ ଗାଁ ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଏହି ଗ୍ରାମ ର ରତନ ମାଝୀ ଙ୍କ ପୁଅ କାଳିଆ ମାଝୀ (୫୩) ପେଟ ବଥା ଯନ୍ତ୍ରଣା ରୁ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରି ଥିଲେ । କିନ୍ତୁ ଗାଁ କୁ ଆମ୍ବୁଲାନ୍ସ ଯାଇ ପାରିନଥିବାରୁ ତାଙ୍କ ପରିବାର ଲୋକେ ଏକ କମ୍ବଳ କୁ କାଠ ରେ ବାନ୍ଧି ଦୋଳା ସାହାଯ୍ୟ ରେ ୧୦ କିଲୋମିଟର ପର୍ଯ୍ୟନ୍ତ ବୋହି କି ନେଇ ଥିଲେ ଏବଂ କାଳିଆ ମାଝୀ ଙ୍କୁ କେରପାଇ ପଂଚାୟତ ସର୍ଗିପଦର ଗ୍ରାମ ଠାରୁ ଆମ୍ବୁଲାନ୍ସ ଯୋଗେ କାଶୀପୁର ଡାକ୍ତରଖାନା କୁ ନିଆଯାଇଥିଲା ଏହି ଗାଁ କୁ ଯାନବାହାନ ଯିବା ସାତ ସପନ କେବଳ ପଦ ଯାତ୍ରା ମଧ୍ୟ କଷ୍ଟ ସାଧ ହେଉଛି । ମୁରଲୀମୁହିଁ ଗାଁ କୁ କେବେ ସ୍ୱାଧୀନତା ମିଳିବ ତାହା ଏକ ବଡ଼ ପ୍ରଶ୍ନ ? ଏଠି ସ୍ଥାନୀୟ ନେତା ଆଉ ପ୍ରଶାସନ ର ଦୃଷ୍ଟି ପଡୁନି କାହିଁକି ? ଏଥିରେ ଜନପ୍ରତିନିଧି ମାନେ ଦାୟୀ ବୋଲି ଅଞ୍ଚଳ ରେ ଚର୍ଚ୍ଚାର ବିଷୟ ପାଲଟିଛି ସାମାନ୍ୟ ରାସ୍ତାର ଉନ୍ନତି ହେଇ ପାରୁନି ଆଉ ଅନ୍ୟ ସମସ୍ୟା କୁ କିଏ ପଚାରେ ବୋଲି ଗ୍ରାମ ବାସି ପ୍ରଶ୍ନ କରିଛନ୍ତି ।



## ନବରଙ୍ଗପୁର ଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣ ଦୌଡ଼

ନବରଙ୍ଗପୁର(ମହାଭାରତ): ଆଜି ସକାଳ ୬.୦୦ ଘ ସମୟରେ ନବରଙ୍ଗପୁର ସହର ସ୍ଥିତ ସଦାଶିବ ତ୍ରିପାଠୀ ପାର୍କ ନିକଟରୁ ଏକ ଗଣ ଦୌଡ଼ ର ଆୟୋଜନ କରାଯାଇଥିଲା । ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ପତାକା ଦେଖାଇ ଗଣ ଦୌଡ଼ ର ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ୍, ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ତପନ କୁମାର ଖୁଣ୍ଟିଆ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦର ୱାନ,ପୌରପାଳିକା ଅଧକ୍ଷ କୁନୁ ନାୟକ, ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଆର୍ ସି ଡି, ଏକ୍ସ ବୋର୍ଡ, ମ୍ୟୁନିସିପାଲଟି ବିଦ୍ୟାଳୟ ର ଛାତ୍ର, ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଜନସାଧାରଣ ଙ୍କ ମଧ୍ୟରେ ଐତିହ ଓ ସଂସ୍କୃତି ପ୍ରତି ଗର୍ବ ସୃଷ୍ଟି କରିବା,ସାଂସ୍କୃତିକ ବିବିଧତା କୁ ପାଳନ କରିବା,ମାନସିକ ସୁସ୍ଥତା କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଗଣ ଦୌଡ଼ ର ଆୟୋଜନ କରାଯାଇଥିଲା ।ଏହି ଗଣ ଦୌଡ଼ ପୋଲିସ ପଡିଆ ପର୍ଯ୍ୟନ୍ତ ଯାଇଥିଲା ।ପୌରପାଳିକା ର୍ନିବାହୀ ଅଧିକାରୀ ସମରେଶ ମହାନ୍ତି ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗଣ ଦୌଡ଼ ଆୟୋଜନ କରାଯାଇଥିଲା ।

## ଧୋବପଲ୍ଲୀ ରେ ମଁଷ ରଜାମ୍ମା ଯାତ୍ରା ଆରମ୍ଭ

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ର ଆସିକା ନିକଟସ୍ଥ ଧୋବାପଲ୍ଲୀ ଗ୍ରାମରେ ବିଜେ ମଁଷ ରଜାମ୍ମାଙ୍କ ବାର୍ଷିକ ଦୁଇ ଦିନିଆ ଯାତ୍ରା ଆରମ୍ଭ ହୋଇଯାଇଛି । ଆଜି ପ୍ରାତଃ ସମୟରୁ ମାଙ୍କ ମନ୍ଦିର ଠାରେ ଅବକାଶ, ମଇଲମ, ପୂଜା, ଅର୍ଚ୍ଚନା, ହଳଦୀ ଓ ପଣା ଭୋଗ ଆଦି ଲାଗି କରା ଯାଇଥିଲା । ଦୁଇ ଦିନ ଧରି ହେବାକୁ ଥିବା ଯାତ୍ରାର ପ୍ରଥମ ଦିବସରେ ମଁଷ ରଜାମ୍ମା ଙ୍କ ଗ୍ରାମ ଭ୍ରମଣ,ଓ ରାଣମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ମା ଙ୍କ ନଗର ଭ୍ରମଣ ଏବଂ ମାନସିକ ଧାରୀଙ୍କ ମୁଣ୍ଡନ ଯାତ୍ରା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି ।

## ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବିବାଦ ବଢ଼ିବାରେ ଲାଗିଛି

# ୧୭ରେ ତଦନ୍ତ ପାଇଁ ଆସିବ ଟିମ୍

ନୟାଗଡ଼, ( ମହାଭାରତ ) : ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବିବାଦ ବଢ଼ିବାରେ ଲାଗିଛି । ପରିଚାଳନା ପରିଷଦ ପକ୍ଷରୁ ବୋର୍ଡ ବୈଠକ କରିବାକୁ ସଭାପତି ରବୀନ୍ଦ୍ରନାଥ ସାହୁ ବହୁ ନିଷ୍ପ□ ନେଇଥିଲେ । ଏ ନେଇ ସେ ପୂର୍ବରୁ ନୋଟିସ ପ୍ରଦାନ କରିଥିଲେ । ମାତ୍ର କାଲି ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ସେ ଭୁବନେଶ୍ୱର ନୀଳାଚଳ ହସ୍ପିଟାଲରେ ନିଜର ଚିକିତ୍ସା କରିବା ସହ ଦୁଇ ଦିନିଆ ଛୁଟିରେ ରହିଛନ୍ତି । ଏହା ସହ କର୍ମଚାରୀ ମାନେ ମଧ ଏହି ବୈଠକରେ ସହଯୋଗ କରିନଥିଲେ । ଫଳରେ ବୈଠକରେ ଏହାକୁ ନେଇ ସରଗରମ ଆଲୋଚନା ହୋଇଥିଲା । ସଭାପତିଙ୍କ ଆହ୍ୱାନ କ୍ରମେ




ପରିଚାଳନା ପରିଷଦ ବୈଠକ ସକାଳ ୧୧ ଘଟିକା ସମୟରେ ବସିଥିଲା । ସଭାପତି ବ୍ୟାଙ୍କ ମୁଖ୍ୟାଳୟ ଏଷ୍ଟାବ୍ଲିସମେ□ ସେକ୍ସନରେ କାର୍ଯ୍ୟରତ ପରିଚାଳକ ସସ୍ମିତା ଦାଶ ଏବଂ ଅତିରିକ୍ତ ସାଧାରଣ ପରିଚାଳକ ମୃତ୍ୟୁଞ୍ଜୟ ବେହେରାଙ୍କୁ ସଭା ବହି ଏବଂ ଅନ୍ୟାନ୍ୟ କାଗଜପତ୍ର ଉପସ୍ଥାପନ କରିବାକୁ ଚିଠି ମାଧ୍ୟମରେ ଅବଗତ କରିଥିଲେ । ଉଭୟ କର୍ମଚାରୀ ଚିଠିକୁ ଅଣଦେଖା କରିବା ସହ କୌଣସି କାଗଜପତ୍ର ଏବଂ ସଭା ବହି ଦେବାକୁ ରାଜି ହୋଇନଥିଲେ । ଯାହାକୁ ନେଇ ନୟାଗଡ଼ ଜିଲ୍ଲା ସମବାୟ ସମିତି ସମୂହ ଉପନିବନ୍ଧକ ଅନନ୍ତ ନାରାୟଣ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ପରିଚାଳନା ପରିଷଦ ବୈଠକରେ ଏହାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଉଭୟ କର୍ମଚାରୀ ପରିଚାଳନା ପରିଷଦକୁ ଅବମାନନା କରୁଥିବାରୁ ସେମାନଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଲଗାତାର ଭାବେ ଡିସେମ୍ବର ମାସରୁ ଅଦ୍ୟାବଧି ଅନୁଷ୍ଠିତ ହେଉଥିବା ପରିଚାଳନା ପରିଷଦ ବୈଠକରେ ବ୍ୟାଙ୍କ ସମ୍ପାଦକ ଜାଣିଶୁଣି ଅନୁପସ୍ଥିତ ରହୁଥିବା ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ ଦର୍ଶାଇବା ସହ ଡିଆର୍ସିଏସ୍ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବ୍ୟାଙ୍କରେ ଇନ୍କମ୍ ଟ୍ୟାକ୍ସ ଠକେଇ କରିବା ପାଇଁ ପୂର୍ବରୁ ୩ଟି ପାନ୍କାର୍ଡ ହୋଇଥିବା ଜଣାପଡ଼ିଥିବା ବେଳେ ଏବେ ପୁଣି ଏକ ପାନ୍ କାର୍ଡ ହୋଇଥିବା ଜଣାପଡ଼ିଛି । ଆସନ୍ତା ୧୭ ତାରିଖରେ ଓସିଏ ଆକ୍ଟ ସେକ୍ସନ-୬୫ ଅନୁସାରେ ତଦନ୍ତ ହେବ ବୋଲି ବ୍ୟାଙ୍କ ସଭାପତି ସୂଚନା ଦେଇଛନ୍ତି । ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଆର୍ଥିକ କାରବାର ହେବା ବଦଳରେ କେବଳ କାଗଜପତ୍ରରେ ଋଣ ଦେଣନେଣ ଚାଲିଛି । ୨୦୨୨-୨୩ ଏବଂ ୨୩-୨୪ ମସିହାରେ ବ୍ୟାଙ୍କର ଲାଭାଂଶ ଶୂନ ରହିଛି । ବ୍ୟାଙ୍କ କେବଳ ୯୮ ଲକ୍ଷ ଟଙ୍କା ସୁଧ ରିହାତି କମିସନ ପାଉଥିବା ବେଳେ କର୍ମଚାରୀ ଦରମା ଏବଂ ଅନ୍ୟାନ ଖର୍ଚ୍ଚ ବାବଦରେ ୪ କୋଟି ଟଙ୍କାର ବଜେଟ ଅନୁମୋଦନ କରାଇବାକୁ ସମ୍ପାଦକ ଷଡ଼ଯନ୍ତ୍ର ଚଳାଇଥିବା ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ କହିଛନ୍ତି । ଯଦି ବିନା ସାଧାରଣ ସଭାରେ ବଜେଟ୍ ଅନୁମୋଦନ କରାଯାଏ, ତେବେ ଆମେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବୁ ବୋଲି ସେ ସୂଚନା ଦେଇଛନ୍ତି । ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କିଛି କର୍ମଚାରୀଙ୍କ ପାଇଁ ଏବେ ବୁଡ଼ିବାକୁ ବସିଥିବା ସେ କହିଛନ୍ତି ।

## ଅବସର ଦିବସରେ ପୂର୍ଣ୍ଣାଙ୍ଗ ପେନସନ

ଦାନଗଦି ମଣ୍ଡଳ ଶିକ୍ଷା ଅଧୀନରେ ମାର୍ଚ୍ଚ ମାସରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର କେଶୀଙ୍କୁ ଅନ୍ତିମ କାର୍ଯ୍ୟ ଦିବସ ଦିନ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଥିଲା । ଦାନଗଦି ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ପୁହାଣ ଙ୍କ ଏହି କାର୍ଯ୍ୟକୁ ଦାନଗଦି ବ୍ଲକ ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ପ୍ରଶଂସା କରିବା ସହିତ ଅବସର ପ୍ରାପ୍ତ ଶିକ୍ଷକଙ୍କ ମହଲରେ ପୁନଶ୍ଚ ଖୁସି ଆଣିଦେଇଛି। ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବାରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ସାରଦା ପ୍ରସନ୍ନ ମହାନ୍ତି, କନିଷ୍ଠ ସହାୟକ ଲିସାରଣୀ ସେଠି, ଉକ୍ତ କ୍ଲଷ୍ଟରର ସି.ଆର.ସି.ସି ଧର୍ମେଜୟ ରାଉତ,ମଣ୍ଡଳ ମଧ୍ୟାହ୍ନ ଭୋଜନ ସଂଯୋଜକ ସତ୍ୟଜିତ ମହାପାତ୍ର ତଥା କଣ୍ଟ୍ରୋଲର ଅଫ ଏକାଉଣ୍ଟ□ସଞ୍ଚର ଲେଖା ନିୟନ୍ତ୍ରକ ଶ୍ରୀ ଅଶୋକ କୁମାର ମହାନ୍ତି,ଅତିରିକ୍ତ ଲେଖାନିୟନ୍ତ୍ରକ ଶ୍ରୀମତୀ ଦିବାରାଣୀ ଦୋରା,ଉପ ଲେଖାନୀୟନ୍ତ୍ରକ ଧରିତ୍ରୀ ବରାଳ,ସହ ଉପବିଭଗୀୟ ଅଧିକାରୀ ଶ୍ରୀମତୀ ରୋଜାଲିନ ତ୍ରିପାଠୀ ଙ୍କ ତ୍ୱରିତ କାର୍ଯ୍ୟଶୈଳୀ ଯୋଗୁ ସମ୍ଭବ ହୋଇପାରିଛି। ଚଣ୍ଡିମାତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର କେଶୀ ଙ୍କ ପୂର୍ଣ୍ଣାଙ୍ଗ ପେନସନ ପେପର ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ଶୁଭ୍ରାଂଶୁ ପୁହାଣ ଉକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ଅବସର କାଳୀନ ସଭାରେ ହସ୍ତାନ୍ତର କରିଥିଲେ।

## ମୋ ପୁଅ କୁ ସାରେ ପିଟିଲେ ପାଗଳ ହେଲା ଭତା ଦରକାର

ହାଟଡିହ(ମହାଭାରତ):ହାଟଡିହି ଆଜି ବ୍ଲକ ରେ ଦେଖିବାକୁ ମିଳିଛି ଏପରି ଏକ ଘଟଣା ଯାହାକୁ ନେଇ ବାପା ଆଣି ଥିଲେ ଅଭିଯୋଗ। ତାହା ପୁଣି ସମାଧାନ ସ୍ୱରୂପ ପୁଅ କୁ ଭତା ଦରକାର ବୋଲି ଅନଲାଇନ ମଧ୍ୟ କରିଛନ୍ତି କିନ୍ତୁ କେଉଁଠି ଭତା ବିଭାଗ ବୋଲି ସମସ୍ତ ଙ୍କୁ ପଚାରି ବୁଲୁ ଥିବା ସମୟରେ ଜଣେ ପଞ୍ଚାୟତ ଅଧିକାରୀ ତାଙ୍କୁ ଏହି ଘଟଣା ପଚାରି ଥିଲେ। ସବୁ କଥା କହି ଥିଲେ। ଯାହାକି ପୁଅ କୁ ମଧୁ ବାବୁ ପେନସନ ଯୋଜନା ରେ ସାମିଲ କରିବାକୁ ଅନଲାଇନ କରିଛନ୍ତି।ଉକ୍ତ ଛାତ୍ର ଙ୍କ ନାମ ଅଜୟ କୁମାର ବେହେରା ହୋଇଥିବା ବେଳେ ପିତା ଙ୍କ ନାମ ସନ୍ତୋଷ କୁମାର ବେହେରା ବୟସ (୨୦) ତାଙ୍କର ଜନ୍ମ ଜମ୍ବିରା ଗ୍ରାମ ରେ ହୋଇଥିବା ବେଳେ ଜନ୍ମ ୧୨-୦୭-୨୦୦୪ମସିହା ରେ ହୋଇଛି। ଏବଂ ଡ଼ାକ୍ତରର ତାଙ୍କ ମୁଣ୍ଡ ଠିକ ନଥିବା ଏକ ପ୍ରମାଣ ପତ୍ର ଦେଇଥିବା ବେଳେ ସେ ଭତା ଆଶା ରେ ବ୍ଲକ ରେ ଘୁରି ବୁଲି ବୁଲି ଫେରି ଯାଇଥିଲେ। କିନ୍ତୁ ଏଠାରେ ବଡ ପ୍ରଶ୍ନ ଉଠେ କେଉ ଶିକ୍ଷକ ତାଙ୍କ ପୁଅ କୁ ପିଟିବା ଦ୍ୱାରା ତାଙ୍କ ପୁଅର ମାନସିକ ବିକୃତ ହୋଇଛି ତାହା ପ୍ରକାଶ କରି ନଥିଲେ।

## ପ୍ରଧାନ ଶିକ୍ଷକ ସ୍କୁଲ ପାଚେରୀ ଭାଙ୍ଗି ବିକୁ ଥିବା ଅଭିଯୋଗୟ

ହାଟଡିହ(ମହାଭାରତ): ହାଟଡିହି ମରେଇଗାଁ ପ୍ରାଥମିକ ବିଦ୍ୟାଳୟ ରେ ପାଚେରି ଭାଙ୍ଗି ପ୍ରଧାନ ଶିକ୍ଷକ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଯାହାକି ସୂଚନା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟ ଟି ଉଚ ମାଧମିକ ବିଦ୍ୟାଳୟ ରେ ସଂଲଗ୍ନ ହୋଇ ଯାଇଥିବାରୁ ଏବେ ମାତ୍ର ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ରର ପିଲା ମାନେ ପାଠପଢୁ ଛନ୍ତି। ହେଲେ ବାହାର ପଟ ପାଚେରୀ ଭାଙ୍ଗି ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ବିକ୍ରି କରୁଥିବା ଅଭିଯୋଗ ହୋଉଛି। ଯାହାକୁ ନେଇ ପ୍ରଧାନ ଶିକ୍ଷକ ପଚାରିରୁ ତାହା ମିଥ୍ୟା ବୋଲି ଖଣ୍ଡନ କରିଛନ୍ତି।

## ଓକିଲ ସଙ୍ଘ ନବ ନିର୍ବାଚିତ କର୍ମୀ ଙ୍କ ଶପଥ ପାଠ



ଆସିକା (ମହାଭାରତ): ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ଠାରେ ନବ ନିର୍ବାଚିତ ଓକିଲ ସଙ୍ଘ ର ସଦସ୍ୟମାନେ ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା ନୂତନ କର୍ମକର୍ତ୍ତା ଙ୍କୁ ଶପଥ ପାଠ କରାଇଛନ୍ତି । ଆସିକା ଓକିଲ ସଂଘନବ ନିର୍ବାଚିତ ସଭାପତି ଭାବେ ଅଜିତ ଚୌଧୁରୀ, ଉପ ସଭାପତି ଛବିଳ ରାମ ମିଶ୍ର,ସମ୍ପାଦକ ନାରାୟଣ ମୁନି, ସହ ସମ୍ପାଦକ ମାନସ ପୂର୍ଣ୍ଣ ଆଚାର୍ଯ୍ୟ, କୋଷାଧକ୍ଷ ରାଘବ ନାହାକ, ଲାଇବ୍ରେରୀ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଶପଥ ନେଇଥିଲେ କ୍ଷ ନବ ନିର୍ବାଚିତ କର୍ମକର୍ତା ମାନଙ୍କୁ ଆସିକା ବାର ଆସୋସିଏସନ ପକ୍ଷରୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା।ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବୀ ନିର୍ବାଚନ ଅଧିକାରୀ କାଳୀ ଚରଣ ଦାସ ଓ ଜୟ ଚନ୍ଦ୍ର ନାୟକ, ବିଦେଶୀ ନାୟକ, ଖୋକନ ରାଓ,ପି.ରବୀନ୍ଦ୍ର ପାତ୍ର, ପ୍ରଭାତ ପାଢ଼ୀ, ସରତେନ୍ଦୁ ପଣ୍ଡା, ସୁଧାଂଶୁ ପାଣିଗ୍ରାହୀ, ଦିଲ୍ଲୀପ ପାଣିଗ୍ରାହୀ, ଦେବକାନ୍ତ ଶର୍ମା,ଲଳିତ ମୋହନ ଦାସ,ଚିତ ରଞ୍ଜନ ଦାସ,ପ୍ରସନ୍ନ କୁମାର ବିଷୋୟୀ, ଶିବ ରାମ ପ୍ରଧାନ, ହର୍ଷ ରଞ୍ଜନ ପାଢ଼ୀ, ରୁଦ୍ର ପାଣିଗ୍ରାହୀ ପ୍ରମୁଖ ଆଇନଜୀବୀ ଏହି ଶପଥ ଉତ୍ସବ ରେ ଯୋଗ ଦେଇଥିଲେ ।

## ଆଲୋକ ପାଣିଗ୍ରାହୀ ଙ୍କ ପାଣୀ ମୋଟର ଚୋରୀ ହୋଇଥିବା ଅଭିଯୋଗ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅନ୍ତର୍ଗତ ପର୍ଲିମାଲ ରେ ଏକ ଚାଷୀ ଙ୍କ ମୋଟର ଚୋରି ହେଇଥିବା ଜଣା ପଡ଼ିଛି । ସୂଚନା ଯୋଗ୍ୟ ଯେ , ଆଲୋକ ପାଣିଗ୍ରାହୀ ଙ୍କ ପର୍ଲିମାଲ ରେ ଏକ ବଗିଚା ଅଛି ଓ ସେଠି ସେ କଦଳୀ , କଖାରୁ ଏବଂ ଅନ୍ୟାନ୍ୟ ପନିପରିବା ଚାଷ କରିଛନ୍ତି ।ଏହି ସବୁ ଚାଷ ରେ ପାଣି ମଡେଇବା ପାଇଁ ନିଜସ୍ୱ ଖର୍ଚ୍ଚ ରେ ଏକ ବୋରେୱେଲ ଖନନ କରିଥିଲେ ଏବଂ ସେଠି ଏକ ୧.୫ ଏଚ.ପି ର ଏକ ମୋଟର ଲଗାଇଥିଲେ । କିନ୍ତୁ ଗତ କାଲି ରାତି ରେ କିଛି ଦୁର୍ବୃତ୍ତ ଆସି ସେଠିକାର ମୋଟର , ମୋଟର ତାର , ପେନାଲ ବୋର୍ଡ ଆଦି ଚୋରି କରି ନେଇଛନ୍ତି ଯ ଶ୍ରୀ ପାଣିଗ୍ରାହୀ ଙ୍କ କହିବା ଅନୁଯାୟୀ , ସେ ବହୁତ କଷ୍ଟ ରେ ବୋର୍ ଖନନ କରିଥିଲେ , ଏବଂ ନୂତନ ମୋଟର କିଣିବା ଏବେ ତାଙ୍କ ପକ୍ଷେ ସମ୍ଭବ ନୁହଁ, କିନ୍ତୁ ଗଛ ରେ ପାଣି ନ ଦେଲେ ସମସ୍ତ ଗଛ ମରିଯିବ ଓ ତାଙ୍କ ଏତେ ଦିନର ପରିଶ୍ରମ ବୃଥା ହେଇଯିବ ବୋଲି ଜଣାଇଛନ୍ତି । ସେ ଜଣେ ସାମ୍ବାଦିକ ମଧ ତାଙ୍କ ସାମ୍ବାଦିକ କାମ ସହିତ ଚାଷ କାମରେ ନିଜକୁ ନିୟୋଜିତ କରୁଥିଲେ,ଏହା ଉପରେ ସେ ବିହିତ ପଦକ୍ଷେପ ନେବା ପାଇଁ ବେଲପଡ଼ା ଥାନା ରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।ପୋଲିସ ଘଟଣା କୁ ଗୁରୁତର ସହ ନେଇ ଅଭିଯୁକ୍ତ କୁ ଧରିବାକୁ ଅନୁରୋଧ କରିଛନ୍ତି। ଏ ବିଷୟରେ ଦରକାର ହେଲେ ଜିଲ୍ଲା ଆରକ୍ଷୀ ଅଧିକାରୀ ମଧ ସାକ୍ଷାତ କରିବେ ବୋଲି କହିଛନ୍ତି। ସାମ୍ବାଦିକ ଜୀବନ ପରେ ଚାଷୀ ହିସାବରେ ପାଣି ମୋଟର ର କେତେ ଗୁରୁତ୍ୱ ତାହା ସେ ଜାଣି ପାରି ଆଗକୁ କୌଣସି ଚାଷୀ କ୍ଷେତ୍ରରେ ନ ଘଟୁ ତେଣୁ ଏହାର ପର୍ଦାଫାଶ ନିହାତି ଦରକାର ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।

# ୧୮୦ ଫୁଟ ଗୁମ୍ଫା ମଧ୍ୟରେ ମାତା ବୈଷ୍ଣଦେବୀ ଙ୍କ ଚାଲିଛି ବସନ୍ତ କାଳୀନ ନବରାତ୍ର ପୂଜା

## ଜାମ୍ମୁକାଶ୍ମୀର ଅନୁଭୂତ ଦେଉଛି ମା’ ବୈଷ୍ଣଦେବୀ ଙ୍କ ନବରାତ୍ର ପୂଜା

ନୟାଗଡ଼, ( ମହାଭାରତ ) : ନବରାତ୍ର ପୂଜା ପାଇଁ ଚଳଚ□ଳ ଦ୍ୱିତୀୟ ମା ବୈଷ୍ଣଦେବୀ ପୀଠ। ନୟାଗଡ଼ ଜିଲ୍ଲାର କାମୁକଣସ୍ଥିତ ଦ୍ୱିତୀୟ ବୈଷ୍ଣଦେବୀଙ୍କର ପୀଠରେ ପ୍ରଥମ ଥର ପାଇଁ ମା’ ଜଗତଜନନୀଙ୍କ ଶକ୍ତି ଏବଂ ଉପାସନାର ମହାପର୍ବ ନବରାତ୍ରୀ ମହୋତ୍ସବ ଗତ ୨୯ ତାରିଖ ରୁ ଆରମ୍ଭ ହୋଇଛି। ମାତା ବୈଷ୍ଣଦେବୀଙ୍କର ବାସନ୍ତୀୟ ଦୁର୍ଗାପୂଜା ମହୋତ୍ସବରେ ଭକ୍ତଙ୍କୁ ମିଳିବ ଜାମ୍ମୁକାଶ୍ମୀର ମା’ ବୈଷ୍ଣଦେବୀ ନବରାତ୍ରର ଅନୁଭବ। ନୟାଗଡ଼ର ଜାମୁକଣରେ ମାତା ବୈଷ୍ଣଦେବୀଙ୍କ ଦିବ୍ୟ ଦର୍ଶନ। ବସନ୍ତ କାଳୀନ ନବରାତ୍ର ପୂଜା





ପାଇଁ ଚଳଚଞ୍ଚଳ ବୈଷ୍ଣଦେବୀଙ୍କ ପୀଠୟ ଜାମ୍ମୁକାଶ୍ମୀର କଟରାରେ ଥିବା ମା’ ବୈଷ୍ଣଦେବୀଙ୍କ ନବରାତ୍ର ପୂଜାର ଅନୁଭୂତି ଏଠାରେ ମଧ ଭକ୍ତଙ୍କୁ ମିଳୁଛି। ରୀତିନୀତି ଅନୁସାରେ ଯେମିତି ମା’ ବୈଷ୍ଣଦେବୀଙ୍କ ପାଖରେ ନବରାତ୍ରୀ ଉତ୍ସବ ହୁଏ ଠିକ ସେହି ପରି ଜାମୁକଣ ସ୍ଥିତ ମାତା ବୈଷ୍ଣଦେବୀଙ୍କ ପୀଠରେ ମଧ ଅନୁଷ୍ଠିତ ହେଉଛି ନବରାତ୍ରୀ ପୂଜାୟ ଏଥିପାଇଁ ସୁନ୍ଦର ଆଲୋକ ତୋରଣରେ ଝଲସୁଛି ମାତା ବୈଷ୍ଣଦେବୀ ପୀଠ। ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ୬୦ ଫୁଟ ର ଉଚ୍ଚ ପାହାଡ଼ ଶୀର୍ଷରେ ମାତା ବୈଷ୍ଣଦେବୀଙ୍କ ଭବ୍ୟ ମନ୍ଦିର। ୧୮୦ ଫୁଟ ଗୁମ୍ଫା ମଧ୍ୟରେ ପୂଜା ପାଉଛନ୍ତି ମାତା ବୈଷ୍ଣଦେବୀ। ମନ୍ଦିର ପ୍ରତିଷ୍ଠା ସମାରୋହର ମାତ୍ର ଦୁଇ ମାସ ପରେ ନବରାତ୍ର ପୂଜା ପାଇଁ ପୁଣି ଲୋକାରଣ୍ୟ ହୋଇଛି ମା’ଙ୍କ ପୀଠ। ନବରାତ୍ରରେ ମା’ଙ୍କ ଦର୍ଶନ ପାଇଁ ପ୍ରତ୍ୟହ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଛି। ଜାମୁକଣ ପାହାଡ଼କୁ ସୁନ୍ଦର ଏବଂ ଆକର୍ଷଣୀୟ କରୁଛି ରାତିରେ ଚିକିମିକ୍ ରଙ୍ଗୀନ୍ ଲାଇଟ୍, ଏବଂ ମାତା ବୈଷ୍ଣଦେବୀଙ୍କ ଗୁମ୍ଫା। ସୁନ୍ଦର ଆଲୋକମାଳାରେ ସୁସଜ୍ଜିତ ହୋଇଛି ମା’ଙ୍କ ପୀଠର ଚର୍ତୁପାର୍ଶ୍ୱ। ଆଧ୍ୟାତ୍ମିକ ଧାର୍ମିକ ପରିବେଶ ମଧ୍ୟରେ ମା’ଙ୍କୁ ଦର୍ଶନ କରିଛନ୍ତି ଭକ୍ତ ଓ ଶ୍ରଦ୍ଧାଳୁ। ନବରାତ୍ର ପୂଜା ପାଇଁ ଆଜି ମା’ ବୈଷ୍ଣଦେବୀଙ୍କ ପାଖରେ ଚଣ୍ଡୀ ପାଠ ହୋମ ଯଜ୍ଞ ଏବଂ ମହୋତ୍ସବ ଚାଲିବ। ନବରାତ୍ର ପୂଜା ପାଇଁ ବୈଷ୍ଣଦେବୀଙ୍କ ପାଖରେ ଅଙ୍କୁରାରୋପଣ, କଳସଯାତ୍ରା ଏବଂ ଯଜ୍ଞ ସାଳପୂଜା, ସୂର୍ଯ୍ୟପୂଜା, ଗୋ ପୂଜା, ଚଣ୍ଡୀ ପାଠ ଆରମ୍ଭ ହୋଇ ଷଷ୍ଠୀ, ସପ୍ତମୀ, ମହାଷ୍ଟମୀ ପୂଜା ହେବା ସହ ନବବିନାମ୍ବିକ ଦେବୀ ଯଜ୍ଞ ସମାପନ ଏବଂ ନବମ କନ୍ୟା ପୂଜନ, ପୁର୍ଣ୍ଣାଆହୁତି ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ ପୂଜାର ମୁଖ୍ୟ ଆକର୍ଷଣ ରହିଥିବା ବୈଷ୍ଣଦେବୀ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଜାମ୍ମୁକାଶ୍ମୀର କଟରାରେ ଥିବା ମା’ ବୈଷ୍ଣଦେବୀଙ୍କ ରୀତିନୀତି ଅନୁସାରେ ଏଠାରେ ମଧ ମାତା ବୈଷ୍ଣଦେବୀଙ୍କ ନବରାତ୍ର ପୂଜା ଅନୁଷ୍ଠିତ ହେଉଥିବା କୁହାଯାଇଛ। ନବରାତ୍ର ପୂଜା ମାତା ବୈଷ୍ଣଦେବୀଙ୍କ ବଡ ପର୍ବ ହୋଇଥିବାରୁ ମାତା ବୈଷ୍ଣଦେବୀଙ୍କ ଦର୍ଶନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ବଢୁଛି। ୨୯ ତାରିଖ ରୁ ଆରମ୍ଭ ହୋଇଥିବା ମାତା ବୈଷ୍ଣଦେବୀଙ୍କ ପୀଠରେ ବସନ୍ତ କାଳୀନ ନବରାତ୍ର ଆଜି ପୂର୍ଣ୍ଣ ଆହୁତି। ସେପଟେ ଅତି ନିକଟରେ ମାତା ବୈଷ୍ଣଦେବୀଙ୍କ ଦର୍ଶନ ପାଇଁ ଉତ୍ସାହିତ ଭକ୍ତ ଓ ଶ୍ରଦ୍ଧାଳ।

## ପାଟଣା କୃଷି କାର୍ଯ୍ୟାଳୟ ପରିଦର୍ଶନ କଲେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

ପାଟଣା:-(ମହାଭାରତ)ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ଓ ଓଡ଼ିଶାର ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ଶ୍ରୀମାନ ମୋହନ ଚରଣ ମାଝି ଙ୍କ ସରକାର ଚାଷୀ ମାନଙ୍କ ଆୟ କୁ ଦ୍ୱିଗୁଣିତ କରିବା ସହିତ ଚାଷୀ ମାନଙ୍କୁ ସମୃଦ୍ଧ କରିବା ପାଇଁ ବହୁ ପ୍ରକାରର କୃଷକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଛନ୍ତ। ଏହି ସବୁ କୃଷକ କଲ୍ୟାଣ ଯୋଜନା ତୃଣମୂଳ ସ୍ତରରେ ଠିକ୍ ଠାକ୍ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ସଫଳ ରୂପାୟନ ପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୃଷି କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ପାଟଣା ବ୍ଲକ୍ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷି ଅଧିକାରୀ ପରେଶ ଦାଶ ଙ୍କ ସହ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇ ଛି । ଓଡିଶା ରାଜ୍ୟ କୁ ଖାଦ୍ୟ ଶସ୍ୟ ରେ ଆତ୍ମ ନାର୍ଭରଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସରକାର ଚାଷୀ ମାନଙ୍କୁ ଆଳୁ ବିହନ, ମୁଗ, ବିରି, ଶୋରିଷ, ମଶୁର, ଶୋଲା, ମଟର, ଶୋଲା, ଚିନାବାଦାମ୍ ଓ ସୂର୍ଯ୍ୟମୁଖୀ ବିହନ ମାଗଣାରେ ଚାଷୀ ମାନଙ୍କୁ ଯୋଗାଇ ଦେଉଛନ୍ତି। ତତସହିତ ସାର ଓ କୀଟନାଶକ ମଧ ମାଗଣାରେ ଯୋଗାଇ ଦେଉଛନ୍ତି। ଏହି ସବୁ ଜିନିଷ ସଠିକ ଚାଷୀ ମାନଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହାର ତଦାରଖ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କରିଥିଲେ। ବିହନ ପାଇ ଚାଷ କରିଥିବା କ୍ଷେତ କୁ ମଧ ଯାଇ ଫସଲ ବୁଲି ଦେଖିଲେ ।ଆଳୁ ଚାଷ ରେ ଓଡିଶା ରାଜ୍ୟ କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଚାଷୀ ମାନଙ୍କୁ ବ୍ୟାପକ ଭାବେ ଆଳୁ ବିହନ ଯୋଗାଇ ଦେବା ସହିତ ହେକ୍ଟର ପିଛା ୫୮ହଜାର ଟଙ୍କା ପ୍ରୋସାହନ ସହାୟତା ଦେବାର ବ୍ୟବସ୍ଥା କରାଯାଇଛି। ସମୀକ୍ଷା ବୈଠକ ପରେ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଉପସ୍ଥିତ ଶତାଧିକ ଚାଷୀ ମାନଙ୍କୁ ଭେଟି ସ୍ଥାନୀୟ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।ଏହି ପରିଦର୍ଶନ କାର୍ଯ୍ୟକ୍ରମ ରେ ରାଜ୍ୟ ମହିଳା ପରିଷଦ ସଦସ୍ୟ ସୋମବାରୀ ମୁଣ୍ଡା,ସାଂସଦ ପ୍ରତିନିଧି ପ୍ରହଲ୍ଲାଦ ପଲେଇ,ପ୍ରକାଶ ସେଠୀ,ସଞ୍ଜୟ ପଲେଇ,ହରିଶ ଚନ୍ଦ୍ର ମହାନ୍ତ,ପାଟଣା ମଣ୍ଡଳ ସଭାପତି ବ୍ରଜ ବନ୍ଧୁ ସେଠୀ ସମେତ ବରିଷ୍ଠ ନେତୃବୃନ୍ଦ ସୁଦାମ ଚରଣ ସାହୁ, କମଳାକାନ୍ତ ଚୌଧୁରୀ,ସୁରେନ୍ଦ୍ର ମହାନ୍ତ,କୃଷ୍ଣ ମହାନ୍ତ, ବର୍ଣ୍ଣବାଳା ମହାନ୍ତ ପ୍ରମୁଖ ଉପସ୍ଥିତି ଥିଲେ।

## ଆନ୍ତର୍ଜାତୀୟ ମାନବ ଅଧିକାର କମିଶନର ଯାଜପୁର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଦାନଗଦି: (ମହାଭାରତ)ଆନ୍ତର୍ଜାତୀୟ ମାନବଅଧିକାର କମିଶନର ର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବ୍ୟାସନଗର ଦୟାଲ ହୋଟେଲ ରେ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକ ଆରମ୍ଭରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉପସ୍ଥିତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ଏହି ଜିଲ୍ଲା କାର୍ଯ୍ୟକାରିଣୀ ବୈଠକରେ ଯାଜପୁର ଜିଲ୍ଲାରେ ବିଶ୍ୱ ମାନବ ଅଧିକାର ସଂଗଠନ କିପରି ମଜବୁତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା, ଜିଲ୍ଲା ରେ ଗାଁ ଠାରୁ ଆରମ୍ଭ କରି ସହର ଓ ବିଶେଷ




ଭାବେ ଶିଳ୍ପ ଖଣି ଅଞ୍ଚଳରେ ଜନସାଧାରଣ କିପରି ନିର୍ଯ୍ୟାତନାର ଶିକାର ହେଉଛନ୍ତି, ସେମାନଙ୍କର ମାନବିକ ଅଧିକାର ଉଲ୍ଲଘଂନ ହେଉଛି, ସେମାନଙ୍କୁ ଉଚିତ ନ୍ୟାୟ ମିଳିପାରୁନାହିଁ, ଶିଶୁ,ମହିଳା, ଶ୍ରମିକ, ଖଟିଖିଆ, ଦିନ ମଜୁରିଆ ମାନେ ବାରମ୍ବାର ଅବହେଳିତ ଓ ଶୋଷିତ ହେଉଛନ୍ତି ସେ ବିଷୟରେ ସମସ୍ତେ ଜାଣି ସୁଦ୍ଧା ନୀରବ ରହୁଛନ୍ତି, ଏ ପରି ସମାଜରେ ରହୁଥିବା ଲୋକ ମାନଙ୍କ ପାଇଁ ଏ ବିଶ୍ୱ ମାନବ ଅଧିକାର ସଂଗଠନ ଲଢେଇ କରିବ ବୋଲି ଉପସ୍ଥିତ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ନେତୃ ମଣ୍ଡଳୀ ମାନେ ନିଜ ବକ୍ତବ୍ୟରେ କହିଥିଲେ, ଶିଳ୍ପ କାରଖାନାର ପ୍ରଦୂଷଣ ଓ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ମାନବ ଅଧିକାର କମିଶନ ପକ୍ଷରୁ ଆଗାମୀ ଦିନରେ ଚିଠି କରାଯାଇ କରାଯିବ ବୋଲି ସୂଚନା ଦିଆଯାଇଥିଲା , ଯେତେ ବଡ଼ ରାଜନୈତିକ ବ୍ୟକ୍ତି ବିଶେଷ ହୁଅନ୍ତୁ କି ଧନଶାଳି କି ବାହୁବଳୀ ଯିଏ ବି ଗରିବ ଲୋକମାନଙ୍କ ମାନବିକ ଅଧିକାର ଛଡାଇ ନେବାକୁ ଚେଷ୍ଟା କରିବ ତାକୁ ଆଉ ଛଡ଼ାଯିବ ନାହିଁ, ଜିଲ୍ଲା ସଂଗଠନ ପହଁଚି ତା ବିରୋଧରେ ସ୍ୱର ଉ□ୋଳନ କରିବା ସହ ନ୍ୟାୟିକ ଲଢେଇ କରିବ, ଏ ମାନବିକ ଅଧିକାର ସଂଗଠନ କୁ ସମସ୍ତ ଜନସାଧାରଣ ଓ ଗଣ ମାଧ୍ୟମ ଆଗେଇ ଆସି ସହଯୋଗ କରିବା ପାଇଁ ରାଜ୍ୟ ସଭାପତି ଡ଼କ୍ଟର ରାମଚନ୍ଦ୍ର ରାଉତରାୟ ଆହ୍ୱାନ କରିଥିଲେ, ଯେଉଁଠି ବି ଏପରି କିଛି ଘଟଣା ଘଟୁଛି ତାଙ୍କ ସଂଗଠନ ଦୃଷ୍ଟିକି ଆଣିବା ପାଇଁ ନିବେଦନ କରିଥିଲେ, ସମସ୍ତଙ୍କ ସହଯୋଗ ଓ ସବୁ ଏକହୋଇ ରହିଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା, ଆଜିର ଏହି କାର୍ଯ୍ୟକାରିଣୀ ବୈଠକରେ ନୂତନ ଭାବେ ଯାଜପୁର ଜିଲ୍ଲା ସଭାପତି ଭାବେ ଅବସରପ୍ରାପ୍ତ ପୂର୍ବତନ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ରନାଥ ଦେଓ ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ଜନ୍ମେଜୟ ଦେଓ ଙ୍କୁ ଯାଜପୁର ଜିଲ୍ଲା ର ଦାୟିତ୍ୱ ଅର୍ପଣ କରାଯାଇଥିଲା।

## ପି ଏମ ଶ୍ରୀ ବାପୁଜୀ ହାଇସ୍କୁଲ କନ୍ଧକେଲଗାଁ ରେ ବାର୍ଷିକ ଉତ୍ସବ

ଟିଟିଲାଗଡ (ମହାଭାରାତ ) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ର ଏକମାତ୍ର ବିଦ୍ୟାଳୟ ଭାବେ ପି ଏମ ଶ୍ରୀ ରେ ସାମିଲ ହୋଇଥିବା ପି ଏମ ଶ୍ରୀ ବାପୁଜୀ ଉଚ୍ଚ ବିଦ୍ୟାଳୟ କନ୍ଧକେଲଗାଁ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ ପ୍ରଧାନ ଶିକ୍ଷକ ରାମଗୋପାଳ ଖମାରି ଶର୍ମା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବ୍ଲକ ଶିକ୍ଷା ଅଧିକାରୀ, ଗୁଡଭେଲା ନମିତା ରାଣୀ ଭୋଇ ,ମୁଖ୍ୟ ବକ୍ତା ରୂପେ ସଇଁତଲା ବି ଆର ସି ସି ନାରାୟଣ ଭୋଇ,ସମ୍ମାନିତ ଅତିଥି ସରପ□ ଅହଲ୍ୟା ସାହୁ, ପୂର୍ଣ୍ଣାନନ୍ଦ ପଣ୍ଡା, ଅରୁଣ ଥନାପତି ଓ ଦେବରାଜ ମେହେର, ପ୍ରଫୁଲ୍ଲ ଦାଶ ଯୋଗଦେଇଥିଲେ । ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସଭା ଶେଷରେ ରାୟଗୁପ୍ତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ସେହିପରି ଆଶିଷ ବିଶି, ସୁରେନ୍ଦ୍ର ଷଡ଼ଙ୍ଗୀ, ରଶ୍ମିତା ପ୍ରଧାନ, ଲିପସିତା ସାହୁ ଲିଙ୍କନ ସାହୁ ଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ମନ ମୋହିଥିଲା । କ୍ରୀଡା କାର୍ଯ୍ୟକ୍ରମ ପ୍ରଭୁଦ□ ଧରୁଆ, ନିରୁପମ ସାହୁ,ଗୋପାଳ ପଟ୍ଟନାୟକ, ଜୟରାମ ମହାନନ୍ଦ,ବିମଳ ମେହେର ପରିଚାଳନା କରିଥିବାବେଳେ ଯୋଗ ଓ ପ୍ରାଣାୟାମ କାର୍ଯ୍ୟକ୍ରମ ଗୋବର୍ଦ୍ଧନ ଛତ୍ରିଆ, ହିମେଶ ଭୋଇ, ଜିତେନ୍ଦ୍ର ମେହେର କରାଇଥିଲେ।ବାଳିକା ସ୍ୱୟଂ ପ୍ରତିରକ୍ଷା କାର୍ଯ୍ୟକ୍ରମ ଟି ପଙ୍କଜିନୀ ମେହେର, ପୁଷ୍ପାଞ୍ଜଳି ମେହେର ଓ ସ୍ମୃତି ଲିପି ରୟଗୁରୁ ସଂଯୋଜନା କରିଥିବା ବେଳେ ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ କୁ ବୈଷ୍ଣବ ବାରିକ, ବବିତ ବିଶି, ହିମାଂଶୁ ଭୋଇ ତଥା ପରିଚାଳନା କମିଟି ସଭ୍ୟ ସଭ୍ୟା ସହଯୋଗ ମଧ କରିଥିଲେ।

## ପଞ୍ଚମ ଦିନରେ ଓଡ଼ିଆ ପକ୍ଷ ପାଳନ ର ଗଣଦୌଡ

ଦେବଗଡ଼(ମହା ଭାରତ) ଦେବଗଡ଼ ଜିଲ୍ଲା କ୍ରୀଡା ବିଭାଗ, ଜିଲ୍ଲା କ୍ରୀଡା ସଂଘ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି । ପୁରୁଣା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ମହାନ୍ତ ଙ୍କ ତତ୍ତ୍ୱାବଧାନରେ ବାହାରି ଥିବା ଐତିହ ଗଣ ଦୌଡ କୁ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ ଭୋଜ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଐତିହ୍ୟ ଗଣ ଦୌଡ ପୁରୁଣା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରୁ ସକାଳ ୭ ଘଟିକା ରେ ବାହାରି ପ୍ରଧାନପାଟ ବସନ୍ତନିବାସ ଠାରେ ପହଞ୍ଚିଥିଲା। ଏହି ଗଣଦୌଡ ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧୀରଜ ଚୋପ୍ରା, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ପିଏ ଆଇ ଟି ଡି ଏ ସଂଧ୍ୟା ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ତହସିଲଦାର କର୍ଣ୍ଣ ମଲ୍ଲିକ, ଜିଲ୍ଲା କ୍ରୀଡା ସଂସଦ ଧୀରେନ୍ଦ୍ର ନାଏକ, ଦେବଗଡ଼ ମହାବିଦ୍ୟାଳୟ ର ଏନ ସି ସି, ରାଜା ବାସୁଦେବ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଡା ବସ ଷ୍ଟାଣ୍ଡ ଯାତ୍ରୀ ପ୍ରତିକ୍ଷାଳୟ ରେ ପାଣି ପାଇଁ ଯାତ୍ରୀ ହେଉଛନ୍ତି ଡହଳବିକଳ



ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ପୌୟରପାଳିକା ର ବସ ଷ୍ଟାଣ୍ଡ ଠାରେ ଯାତ୍ରୀ ପ୍ରତିକ୍ଷ୍ୟଳୟ ରେ ପାନୀୟ ଜଳ ପାଇଁ ଯାତ୍ରୀ ମାନେ ହେଉଛନ୍ତି ଡହଳ ବିକଳ ଦେଖିବାକୁ ମିଳିଛି । ପାଣି ପାଇଁ ଯାତ୍ରୀ ମାନେ ଏଣେତେଣେ ହେଉ ଥିବା ପ୍ରକାଶ କରିଛନ୍ତି ।ଏଠାରେ ଥିବା ଜଳ ବିଶୋଧନ ଯନ୍ତ୍ର ଟି ଦୀର୍ଘ ମାସ ହେବ ଅଚଳ ହୋଇ ପଡ଼ିଛି। ଗ୍ରୀଷ୍ମ ପ୍ରବାହ ହେତୁ ପ୍ରଚଣ୍ଡ ଖରାରେ ଯା ଆସ କରୁଥିବା ଯାତ୍ରୀ ମାନେ ଆଶ୍ରୟ ନେଉଛନ୍ତି ହେଲେ ପିଇବା ପାଣି ଟିକେ ପାଇପାରୁ ନାହାନ୍ତି ।କିଛି ଲୋକ ଦୋକାନ ରୁ ପାଣି ବୋତଲ କିଣି ପିଉଥିବା ବେଳେ କିଛି ଲୋକ ସ୍ଥାନୀୟ ହୋଟେଲ ରୁ ବୋତଲ ରେ ପାଣି ଭର୍ତି କରି ନେଉଥିବା ଦେଖିବାକୁ ମିଳିଛି ।ଭୁବନେଶ୍ୱର ଯାଉଥିବା ବସ ଯାତ୍ରୀ ଶିବ ଶଙ୍କର ବିଶ୍ୱାଳ କହନ୍ତି,ଖଣି ସହର ଯୋଡା ଭଳି ପୌର ପୟଳିକା ରେ ଏଭଳି ଅବସ୍ଥା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।ପ୍ରଥମତଃ ଏଠାରେ ସ୍ଥାୟୀ ବସ ଷ୍ଟାଣ୍ଡ ନାହିଁ । ଏପରିକି ଏହି ପ୍ରତିକ୍ଷୟଳୟ ରେ ପାଣି ର ବ୍ୟବସ୍ଥା ନାହିଁ ।ସେହିପରି ଝାଡ଼ଖଣ୍ଡ ରାଜ୍ୟକୁ ଯାଉଥିବା ମହିଳା ଯାତ୍ରୀ ଶକୁନ୍ତଳା ହେମ୍ବ୍ରମ,କହିଛନ୍ତି ଯେ,ପାଣି ହୋଟେଲ ରୁ ପିଇବା କୁ ପଡୁଛି ।ପାଣି ବୋତଲ କିଣିବାକୁ ପଇସା ନାହିଁ ଯବସ ଷ୍ଟାଣ୍ଡ ରେ ଥିବା ପାଣି ମେସିନ ଅଚଳ ହୋଇ ପଡ଼ିଛି ।ତେଣେ ପୌର କର୍ମଚାରୀ ଓ ସୁପର ଭାଇଜର ମାନଙ୍କୁ ଏହା କିପରି ଦେଖା ଯାଉ ନାହିଁ ବୋଲି ବସ ଯାତ୍ରୀ ଯୁଗଳ କିଶୋର ସାହୁ ଓଲଟା ପ୍ରଶ୍ନ କରି ଥିଲେୟଏ ସମ୍ପର୍କରେ ଯୋଡା ପୌର ଅଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଙ୍କୁ ପଚାରିବାରୁ ସେ ଯାତ୍ରୀ ପ୍ରତିକ୍ଷ୍ୟଳୟ ରେ ପାଣି ବିଶୋଧନ ମେସିନ ଖରାପ ଥିବା ଖବର ଜାଣି ନ ଥିବା କହିବା ସହିତ ଖୁବ୍ ଶୀଘ୍ର ଏହାର ମରାମତି କରି ଯାତ୍ରୀ ମାନଙ୍କ ପାନୀୟ ଜଳ ର ବ୍ୟବସ୍ଥା କରିବେ ବୋଲି କହିଥିଲେ।

## ଷଣ୍ଡକୁଦ ଜଗନ୍ନାଥ ମନ୍ଦିର ରେ ’ଆନନ୍ଦ ବଜାର’ ଗୃହର ଭୂମିପୂଜା

ପାରାଦୀପ (ମହାଭାରତ): ପାରାଦୀପ ପୌରା□ଳର ଷଣ୍ଡକୁଦ ବସ୍ତି ରେ ଥିବା ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ଏକ ଆନନ୍ଦ ମଣ୍ଡପ ଗୃହ ନିର୍ମାଣ ପାଇଁ ଭୂମିପୂଜା କାର୍ଯ୍ୟକ୍ରମ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ଯଥା ରୀତିନୀତି ଅନୁଯାୟୀ ଆୟୋଜିତ ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଏହି ଗୃହର ଶିଳାନ୍ୟାସ କରି ପୂଜା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୧୮ ନମ୍ବର ୱାର୍ଡ ର ପାରିଷଦ କେ.ଜଗନ୍ନାଥ ରାଓ, ମନ୍ଦିର ଟ୍ରଷ୍ଟ ର ସଭ୍ୟ ଦୀପକ ବେହେରା, ଗଦାଧର ଦାସ, ଅକ୍ଷୟ ଜେନା, ଶୁକଦେବ ବେହେରା, ରଥ ଓଝା, କେଦାର ପରିଡା,ପବିତ୍ର ନାୟକ, ଭ୍ରମରବର ନାୟକ, ସୁଜିତ ପରିଡା, ନାରାୟଣ ପରିଡା, ବିଧାନ ସାମନ୍ତ, ଗଣେଶ ବେହେରା ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା ରେ ସକ୍ରିୟ ସହଯୋଗ କରିଥିଲେ ।ତେବେ ପୌରପାଳିକା ସହଯୋଗରେ ଏହି ଆନନ୍ଦ ବଜାର ନିର୍ମାଣ ପରେ ପ୍ରସାଦ ପ୍ରସ୍ତୁତି ସହଜସାଧ ହେବ ବୋଲି ମନ୍ଦିର ର ଟ୍ରଷ୍ଟି ଦୀପକ ବେହେରା କହିଛନ୍ତି।

# ଭାରତର ଅର୍ଥନୀତି ବିପଦରେ : ରାହୁଲ

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତ ସହିତ ଚୀନ୍ ଏବଂ ଆମେରିକାର ସମ୍ପର୍କ ନେଇ ପ୍ରଶ୍ନ ଉଠାଇଛନ୍ତି । ରାହୁଲ ଗାନ୍ଧୀ କହିଛନ୍ତି, ସମସ୍ତେ ଜାଣନ୍ତି ଯେ, ଚୀନ୍ ଆମ ଅଞ୍ଚଳର ୪ ହଜାର ବର୍ଗ କିଲୋମିଟର ଉପରେ ବସିଛି । ସେ ଏହା ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନକୁ ଏକ ଚିଠି ଲେଖୁଛନ୍ତି ଏବଂ ଆମେ ଏହା ବିଷୟରେ ଅବଗତ ମଧ୍ୟ ନାହୁଁ । ଅନ୍ୟପକ୍ଷରେ, ରାହୁଲ ଗାନ୍ଧୀ ଭାରତ ଉପରେ ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଆମର ବୈଦେଶିକ ସଚିବ ଚୀନ୍ ରାଷ୍ଟ୍ରଦୂତଙ୍କ ସହ କେକ୍ କାଟୁଥିବାରୁ ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ୨୦ଜଣ ସୈନିକ ସହିଦ ହୋଇଥିଲେ ଏବଂ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । କେକ୍ କାଟି ଆମେ ପରିସ୍ଥିତି ସ୍ୱାଭାବିକ ହେବା ବିରୁଦ୍ଧରେ ନାହୁଁ । କିନ୍ତୁ ପରିସ୍ଥିତି ସ୍ୱାଭାବିକ ହେବା ପୂର୍ବରୁ, ସ୍ଥିତାବସ୍ଥା ପୁନଃସ୍ଥାପିତ ହେବା ଉଚିତ ଏବଂ ଆମକୁ ଆମର ଜମି ଫେରି ପାଇବା ଉଚିତ । ରାହୁଲ କହିଛନ୍ତି, ଏହା ମଧ୍ୟ ମୋର ଜାଣିବାକୁ ମିଳିଛି ଯେ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଚୀନକୁ ଏକ ଚିଠି ଲେଖିଛନ୍ତି, ଆମେ ଏହା ଆମ ଲୋକଙ୍କଠାରୁ ନୁହେଁ ବରଂ ଚୀନ୍ ରାଷ୍ଟ୍ରଦୂତଙ୍କଠାରୁ ଜାଣିବାକୁ ପାଇଛୁ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିଛନ୍ତି । ବୁଧବାର ଟ୍ରମ୍ପ୍ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଘୋଷଣା କରିଛନ୍ତି । ଏ ବିଷୟରେ ରାହୁଲ ଗାନ୍ଧୀ କହିଛନ୍ତି, ଗୋଟିଏ ପଟେ ତୁମେ ଚୀନକୁ ୪ ହଜାର ବର୍ଗ କିଲୋମିଟର ଦେଇଛ । ଅନ୍ୟପକ୍ଷରେ, ଆମେରିକା ଆମ ଉପରେ ୨୬ ପ୍ରତିଶତ ଶୁଳ୍କ ଲାଗୁ କରିଛି । ଯାହା ଆମର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରିଦେବ । ରାହୁଲ ଗାନ୍ଧୀ ଇନ୍ଦିରା ଗାନ୍ଧୀଙ୍କ ବିଷୟରେ କହି କହିଛନ୍ତି ଯେ, କେହି ଜଣେ ତାଙ୍କୁ ଥରେ ପଚାରିଥିଲେ ସେ ବୈଦେଶିକ ନୀତିରେ ବାମପନ୍ଥୀ ନା ଦକ୍ଷିଣପନ୍ଥୀ, ଯାହାର ଉତ୍ତରରେ ଇନ୍ଦିରା ଗାନ୍ଧୀ କହିଥିଲେ, ସେ ବାମପନ୍ଥୀ କିମ୍ବା ଦକ୍ଷିଣପନ୍ଥୀ ନୁହଁନ୍ତି, ସେ ଜଣେ ଭାରତୀୟ । ରାହୁଲ ଗାନ୍ଧୀ ଭାରତ ସରକାରଙ୍କୁ ଚୀନ୍ ଏବଂ ଆମେରିକା ସମ୍ପର୍କରେ ପ୍ରଶ୍ନ ପଚାରିଛନ୍ତି । ସେ ସରକାରଙ୍କୁ ପଚାରିଛନ୍ତି ଯେ, ଆପଣ ଆମ ଅଞ୍ଚଳ ବିଷୟରେ କ'ଣ କରୁଛନ୍ତି । ଅନ୍ୟପକ୍ଷରେ, ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କ ସମ୍ପର୍କରେ, ସେ ପଚାରିଛନ୍ତି ଯେ, ଆପଣ ଏହି ଶୁଳ୍କ ବିଷୟରେ କ'ଣ କରିବାକୁ ଯାଉଛନ୍ତି । ଲୋକସଭାରେ ୱାକଫ ସଂଶୋଧନ ବିଲ୍ ଗୃହୀତ ହେବା ପରେ, ରାହୁଲ ଏକ୍ସରେ କହିଥିଲେ, ୱାକଫ (ସଂଶୋଧନ) ବିଲ୍ ହେଉଛି ମୁସଲମାନମାନଙ୍କୁ ସମସ୍ୟାରେ ପକାଇବା ଏବଂ ସେମାନଙ୍କର ବ୍ୟକ୍ତିଗତ ଆଇନ ଏବଂ ସମ୍ପତ୍ତି ଅଧିକାର ହଡ଼ପ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଏକ ଅସ୍ତ୍ର । ଆରଏସଏସ, ବିଜେପି ଏବଂ ସେମାନଙ୍କର ସହଯୋଗୀମାନଙ୍କ ଦ୍ୱାରା ସମ୍ବିଧାନ ଉପରେ ଏହି ଆକ୍ରମଣ ଅନ୍ତର୍ଗତ ଆଜି ମୁସଲମାନମାନଙ୍କୁ ଟାର୍ଗେଟ କରାଯାଇଛି । ଭବିଷ୍ୟତରେ ଅନ୍ୟ ସମ୍ପ୍ରଦାୟକୁ ଟାର୍ଗେଟ କରିବା ପାଇଁ ଏକ ଉଦାହରଣ ସୃଷ୍ଟି କରୁଛି । କଂଗ୍ରେସ ପାର୍ଟି ଏହି ଆଇନକୁ ଦୃଢ଼ ବିରୋଧ କରୁଛି କାରଣ ଏହା ଭାରତର ମୂଲ୍ୟବୋଧ ତଥା ମୂଳଧାରଣା ଉପରେ ଆକ୍ରମଣ କରୁଛି। ଏହା ସମ୍ବିଧାନର ଧାରା ୨୫ ଧାର୍ମିକ ସ୍ୱାଧୀନତାର ଅଧିକାରକୁ ଉଲ୍ଲଂଘନ କରୁଛି ବୋଲି ରାହୁଲ କହିଛନ୍ତି ।



# ଦୁଷ୍କର୍ମ ମାମଲାରେ ଖ୍ରୀଷ୍ଟଧର୍ମଗୁରୁ ବଜିନ୍ଦରଙ୍କୁ ଆଜୀବନ କାରାଦଣ୍ଡ

**ଚଣ୍ଡିଗଡ଼,୫।୪(ଏଜେନ୍ସି):**ଦୁଷ୍କର୍ମ ମାମଲାରେ ଖ୍ରୀଷ୍ଟିଆନ ଧର୍ମଗୁରୁ ପାଦ୍ରୀ ବଜିନ୍ଦର ସିଂହଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ମୋହାଲି ଜିଲ୍ଲା ଅଦାଲତ ଏହି ଆଦେଶ ଦେଇଛନ୍ତି । ତିନି ଦିନ ତଳେ ମୋହାଲି କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ, ଯାହା ପରେ ତାଙ୍କୁ ପଟିଆଲା ଜେଲକୁ ପଠାଇ ଦିଆଯାଇଥିଲା । ଜଣେ ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଜିରକପୁର ଥାନାରେ ୨୦୧୮ରେ ମାମଲା ରୁଜୁ ହୋଇଥିଲା । ଅଭିଯୋଗକାରିଣୀ କହିଛନ୍ତି ଯେ ବଜିନ୍ଦର ସିଂହ ତାଙ୍କୁ ବିଦେଶ ନେବାକୁ ପ୍ରଲୋଭନ ଦେଖାଇ ମୋହାଲିର ସେକ୍ଟର ୬୩ସ୍ଥିତ ତାଙ୍କ ବାସଭବନରେ ଦୁଷ୍କର୍ମ କରିଥିଲେ । ଯଦି ସେ ତାଙ୍କ କଥାରେ ରାଜି ନ ହୁଅନ୍ତି ତେବେ ସେ ରେକର୍ଡ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିଦେବେ ବୋଲି ଧମକ ଦେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି । ଫେବ୍ରୁଆରି ୨୮ତାରିଖରେ ଦାୟର ହୋଇଥିବା ଅନ୍ୟ ଏକ ଯୌନ ନିର୍ଯାତନା ମାମଲାରେ ପାଦ୍ରୀ ତଦନ୍ତର ସମ୍ମୁଖୀନ ହେଉଥିବା ବେଳେ ଏହି ଦଣ୍ଡାଦେଶ ଆସିଛି । ଜଣେ ୨୨ ବର୍ଷୀୟା ମହିଳା ତାଙ୍କ ବିରୋଧରେ ଆଣିଥିବା ନିର୍ଯାତନା ଅଭିଯୋଗର ତଦନ୍ତ ପାଇଁ କପୁରତାଲା ପୁଲିସ ତିନି ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) ଗଠନ କରିଛି । ସିଂହ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଭିତ୍ତିହୀନ କହି ଖଣ୍ଡନ କରିଥିଲେ । କିଛି ଦିନ ତଳେ ପାଦ୍ରୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ଜଣେ ମହିଳାଙ୍କ ସହ ଯୁକ୍ତିତର୍କ କରି ତାଙ୍କୁ ଚାପୁଡ଼ା ମାରୁଥିବା ଦେଖିବାକୁ ମିଳିଥିଲା ।



# ମମତା ବାନାର୍ଜୀଙ୍କୁ ସୁପ୍ରିମକୋର୍ଟଙ୍କ ଝଟ୍କା

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ମମତା ସରକାରଙ୍କୁ ସୁପ୍ରିମକୋର୍ଟର ଝଟକା । ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ଦେଇଛନ୍ତି ବଡ଼ ଝଟକା । ସରକାରୀ ସ୍କୁଲରେ ୨୫,୦୦୦ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଚାକିରି ରଦ୍ଦ କରିବା ପାଇଁ କଲିକତା ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ସୁପ୍ରିମକୋର୍ଟ। ସୁପ୍ରିମକୋର୍ଟ କହିଛନ୍ତି ଯେ, ବ୍ୟାପକ ଅନିୟମିତତା ଯୋଗୁଁ ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ ଘୋଷଣା କରିବା ଠିକ୍ । ଯଦିଓ ପୂର୍ବରୁ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କୁ ଚାକିରି ସମୟରେ ପାଇଥିବା ଦରମା ଫେରାଇବାକୁ ପଡିବ ନାହିଁ । କିନ୍ତୁ ନୂତନ ଚୟନ ପ୍ରକ୍ରିୟା ୩ ମାସ ମଧ୍ୟରେ ଆରମ୍ଭ କରି ସମାପ୍ତ କରିବାକୁ ପଡିବ । ପୂର୍ବରୁ ଥିବା ସଙ୍କୋଟ ପ୍ରାର୍ଥୀଙ୍କ ପାଇଁ ନୂଆ ଚୟନ ପ୍ରକ୍ରିୟାରେ ମଧ୍ୟ ଛାଡ଼ ହୋଇପାରେ । ଅନ୍ୟପଟେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ପଶ୍ଚିମବଙ୍ଗ ରାଜ୍ୟ ଦ୍ୱାରା ଦାଖଲ କରାଯାଇଥିବା ସ୍ୱତନ୍ତ୍ର ଅନୁମତି ଆବେଦନର ମଧ୍ୟ କୋର୍ଟ ଏପ୍ରିଲ ୪ ତାରିଖରେ ପୃଥକ ଭାବରେ ଶୁଣାଣି କରିବେ । ରାଜ୍ୟ ସରକାର ୨୫,୭୫୩ ଜଣ ଶିକ୍ଷକ ଏବଂ ସ୍କୁଲ କର୍ମଚାରୀଙ୍କ ଚାକିରିକୁ ରଦ୍ଦ କରିବା ନିର୍ଦ୍ଦେଶକୁ ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି । ପଶ୍ଚିମବଙ୍ଗ ସରକାରଙ୍କ ଆବେଦନ ବ୍ୟତୀତ, ସୁପ୍ରିମକୋର୍ଟ ଅନ୍ୟ ୧୨୩ଟି ଆବେଦନର ଶୁଣାଣି କରିଥିଲେ । ଗତ ବର୍ଷ ମେ ୭ ତାରିଖରେ ସୁପ୍ରିମକୋର୍ଟ କଲିକତା ହାଇକୋର୍ଟଙ୍କ ଚାକିରି ରଦ୍ଦ ନିର୍ଦ୍ଦେଶ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଲଗାଇଥିଲେ । ତଥାପି, ସୁପ୍ରିମକୋର୍ଟ ସିବିଆଇକୁ ତଦନ୍ତ ଜାରି ରଖିବାକୁ କହିଥିଲେ । ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ, ଦୁର୍ନୀତି ମାଧ୍ୟମରେ ନିଯୁକ୍ତି ପାଇଥିବା ଲୋକଙ୍କୁ ଚାକିରିରୁ ହଟାଇବା ଭଲ ହେବ । ୭-୮ ହଜାର ଲୋକ ଭୁଲ ଉପାୟରେ ଚାକିରି ପାଇଛନ୍ତି। ସରକାରୀ ଚାକିରି ବହୁତ କମ୍ ଅଛି । ଲୋକମାନେ ସେଗୁଡ଼ିକୁ ହାସଲ କରିବା ପାଇଁ ଗମ୍ଭୀର ପ୍ରୟାସ କରନ୍ତି । ଯଦି ଜନସାଧାରଣଙ୍କ ବିଶ୍ୱାସ ଉଠିଯାଏ, ତେବେ ଆଉ କିଛି ରହିବ ନାହିଁ । ସିଜେଆଇ ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ, ରାଜ୍ୟ ସରକାରଙ୍କୁ ଏହି ନିଯୁକ୍ତି ସହିତ ଜଡିତ ଏକ ଡିଜିଟାଲ୍ ରେକର୍ଡ ରଖିବା ଉଚିତ ଥିଲା ।



# ଅନିଲ ଅମ୍ବାନୀଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା

**ମୁମ୍ବାଇ,୫।୪(ଏଜେନ୍ସି):** ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ଏକ ମାମଲାର ତୁରନ୍ତ ଶୁଣାଣି କରିବାକୁ ମନା କରିଛନ୍ତି ବମ୍ବେ ହାଇକୋର୍ଟ । ଏହା ସହ କୋର୍ଟ ଅନିଲ ଅମ୍ବାନୀଙ୍କ ଅନୁରୋଧକୁ କେବଳ ଅସ୍ୱୀକାର କରିଛନ୍ତି ତାହା ନୁହେଁ, ବଂର ତାଙ୍କ ଉପରେ ୨୫ ହଜାର ଟଙ୍କାର ଜରିମାନା ଲଗାଇଛନ୍ତି । ଏହି ଜରିମାନା ୧୨ ଅପ୍ରେଲ ୨୦୨୨ ରେ ଇନକମ୍ ଟ୍ୟାକ୍ସ ବିଭାଗ ଦ୍ୱାରା ପଠାଯାଇଥିଲା । ଏହି ନୋଟିସକୁ ଚ୍ୟାଲେଞ୍ଜ ଦେଇ ମାମଲାର ତୁରନ୍ତ ଶୁଣାଣି କରିବା ନେଇ ଦାବି କରିଥିଲେ ଅମ୍ବାନୀ । ୨୭ ମାର୍ଚ୍ଚରେ ଅନିଲ ଅମ୍ବାନୀ ହାଇକୋର୍ଟରେ ଆବେଦନ କରି ମାମଲାର ତୁରନ୍ତ ଶୁଣାଣି କରିବାକୁ ଦାବି କରିଥିଲେ । ତେବେ ନ୍ୟାୟମୂର୍ତ୍ତି ଏମ୍.ଏସ୍ ସୋନକେ ଓ ନ୍ୟାୟମୂର୍ତ୍ତି ଜିତେନ୍ଦ୍ର ଜେନଙ୍କ ଖଣ୍ଡପୀଠ ଏହାକୁ 'ବିନା କାରଣରେ ତରବର ଶୁଣାଣି ଅନୁରୋଧ' ବୋଲି କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି ।କୋର୍ଟ କହିଛନ୍ତି, ଏହା କେବଳ ଏକ କାରଣ ଦର୍ଶାଅ ନୋଟିସକୁ ଚ୍ୟାଲେଞ୍ଜ ଦେବାର ମାମଲା । ଆବେଦନକାରୀ ଅନ୍ତିମ ସମୟରେ କୋର୍ଟଙ୍କ ଦ୍ୱାରସ୍ତ ହୋଇଛନ୍ତି । ତେଣୁ ଏହି ଅନୁରୋଧକୁ ଖାରଜ କରାଯାଉଛି । ଆବେଦନକାରୀଙ୍କୁ ଟାଟା ମେମୋରିଆଲ ହସ୍ପିଟାଲକୁ ଦୁଇ ସପ୍ତାହ ଭିତରେ ୨୫,୦୦୦ ଟଙ୍କାର ଜରିମାନା ରାଶି ଦେବାକୁ ହେବ । କୋର୍ଟଙ୍କ ଏହି ନିର୍ଦ୍ଦେଶ ୨୭ ମାର୍ଚ୍ଚରେ ଜାରି କରାଯାଇଥିଲା । ଯାହାକି ୨ ଅପ୍ରେଲ ୨୦୨୫ ରେ ଉପଲବ୍ଧ କରାଯାଇଥିଲା । ଆବେଦନର ଶୁଣାଣି ୧ ଅପ୍ରେଲରେ ହେବାର ଥିଲା, କିନ୍ତୁ ଅନିଲ ଅମ୍ବାନୀଙ୍କ ଓକିଲ ରଫିକ୍ ଦାଦା କୋର୍ଟଙ୍କୁ ସୁନିଶ୍ଚିତ କରିଥିଲେ ଯେ, ଏହାକୁ ଫେରାଇ ନିଆଯାଉଛି, କାରଣ ଇନକମ୍ ଟ୍ୟାକ୍ସ ବିଭାଗ ୨୭ ମାର୍ଚ୍ଚରେ ସେ ସମ୍ପର୍କିତ ଆକଳନ ବର୍ଷ ପାଇଁ ନିଜର ନିର୍ଦ୍ଦେଶ ପାସ୍ କରିଦେଇଥିଲେ । ସେ ଏହା ମଧ୍ୟ କହିଥିଲେ ଯେ, କୋର୍ଟଙ୍କ ଦ୍ୱାରା ଲଗାଯାଇଥିବା ଜରିମାନା ଦିଆଯାଇ ସାରିଛି । ଏହାପରେ ହାଇକୋର୍ଟ ମଙ୍ଗଳବାର ମାମଲାର ସମାଧାନ କରିଦେଇଥିଲେ ।




# ମୁଁ ମୁଣ୍ଡ ନୁଆଁଇବି ନାହିଁ

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଗୁରୁବାର ରାଜ୍ୟସଭାରେ ଗର୍ଜନ କରି ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ୱାକଫ ଜମି ହଡ଼ପ ଅଭିଯୋଗ ଉପରେ ପ୍ରତି ଆକ୍ରମଣ କରିଛନ୍ତି । ଖଡଗେ କହିଛନ୍ତି, ଏହି ବିଜେପି ଲୋକମାନେ ଯାହା ବି ଅଭିଯୋଗ କରୁଛନ୍ତି, ସେମାନେ ତାହା ପ୍ରମାଣ କରନ୍ତୁ, ମୁଁ ମୁଣ୍ଡ ନୁଆଁଇବି ନାହିଁ । ସେ ଆହୁରି କହିଛନ୍ତି, ଯଦି ଅଭିଯୋଗ ପ୍ରମାଣିତ ହୁଏ ତେବେ ମୁଁ ଇସ୍ତଫା ଦେବି । ମଲ୍ଲିକାର୍ଜୁନ କହିଛନ୍ତି, ଯଦି ମୋର ଗୋଟିଏ ଇଞ୍ଚ ମଧ୍ୟ ୱାକଫ ଜମି ଥାଏ ତେବେ ପ୍ରମାଣ କର । ଏହି ଅଭିଯୋଗ ପାଇଁ ସେ ଗୃହର ନେତାଙ୍କୁ କ୍ଷମା ମାଗିବା ପାଇଁ ମଧ୍ୟ ଦାବି କରିଥିଲେ । କଂଗ୍ରେସ ପାର୍ଟି ଅଧ୍ୟକ୍ଷ କହିଛନ୍ତି, ଅନୁରାଗ ଠାକୁର ଲୋକସଭାରେ ଯାହା କହିଛନ୍ତି ତାହା ଭୁଲ, ତାଙ୍କୁ କ୍ଷମା ମାଗିବା ଉଚିତ ମୋ ପାଖରେ ୱାକଫ ଜମିର ଗୋଟିଏ ଇଞ୍ଚ ମଧ୍ୟ ନାହିଁ । ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ଅଭିଯୋଗର ଜବାବ ଦେଇ ମଲ୍ଲିକାର୍ଜୁନ କହିଛନ୍ତି, ଯଦି ମୋ ବିରୋଧରେ ଲଗାଯାଇଥିବା ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ଇସ୍ତଫା ଦେବି। ବିଜେପି ଲୋକମାନେ ମୋତେ ଭୟଭୀତ କରିବାକୁ ଚାହୁଁଛନ୍ତି, ମୁଁ ଆଦୌ ମୁଣ୍ଡ ନୁଆଁଇବି ନାହିଁ । ମୁଁ ଆଜି ପର୍ଯ୍ୟନ୍ତ କାହାଠାରୁ ଗୋଟିଏ ଇଞ୍ଚ୍ ମଧ୍ୟ ଜମି ନେଇନାହିଁ । ଏହା ଦ୍ୱାରା ମୋର ଭାବନାକୁ ଆଘାତ ଲାଗିଛି । ଖଡଗେ ଅନୁରାଗ ଠାକୁରଙ୍କୁ ଇସ୍ତଫା ଦେବାକୁ ମଧ୍ୟ ଦାବି କରିଥିଲେ । ସେ କହିଛନ୍ତି, ଯଦି ଅନୁରାଗ ଠାକୁର ତାଙ୍କ ଦ୍ୱାରା ଲଗାଯାଇଥିବା ଅଭିଯୋଗକୁ ପ୍ରମାଣିତ କରିପାରିବେ ନାହିଁ, ତେବେ ସେ ଇସ୍ତଫା ଦେବା ଉଚିତ୍ ଏବଂ ଯଦି ମୋ ବିରୁଦ୍ଧରେ ଅଭିଯୋଗ ପ୍ରମାଣିତ ହୁଏ, ତେବେ ମୁଁ ଇସ୍ତଫା ଦେବି । ଖଡଗେ କହିଛନ୍ତି, ମୁଁ ଜଣେ ଶ୍ରମିକଙ୍କ ପୁଅ । କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି, ମୋ ଜୀବନ ସବୁବେଳେ ଏକ ଖୋଲା ପୁସ୍ତକ ହୋଇ ରହିଛି । ଏହା ସଂଘର୍ଷ ଏବଂ ଲଢେଇରେ ପରିପୂର୍ଣ୍ଣ ରହିଛି । କିନ୍ତୁ ମୁଁ ସର୍ବଦା ଜୀବନର ସର୍ବୋଚ୍ଚ ମୂଲ୍ୟବୋଧକୁ ବଜାୟ ରଖିଛି । ବୁଧବାର ଅନୁରାଗ ଠାକୁର ଲୋକସଭାରେ ମୋ ବିରୁଦ୍ଧରେ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତ୍ତିହୀନ ଅଭିଯୋଗ ଆଣିଥିଲେ । ଯେତେବେଳେ ମୋ ସହକର୍ମୀମାନେ ତାଙ୍କୁ ଚ୍ୟାଲେଞ୍ଜ କଲେ, ସେ ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବାକୁ ବାଧ ହୋଇଥିଲେ । କିନ୍ତୁ କ୍ଷତି ହୋଇସାରିଛି ବୋଲି ଖଡ୍ଗେ କହିଛନ୍ତି । ବୁଧବାର ଦିନ ଲୋକସଭାରେ ୱାକଫ ବିଲ୍ ଉପରେ ଆଲୋଚନା ସମୟରେ ଅନୁରାଗ ଠାକୁର କହିଥିଲେ ଯେ, ଭାରତ ୱାକଫ ଭୟରୁ ମୁକ୍ତ ହେବା ଉଚିତ କାରଣ କଂଗ୍ରେସ ଶାସନ ସମୟରେ ତିଆରି ହୋଇଥିବା ୱାକଫ ଆଇନର ଅର୍ଥ ଥିଲା 'ନା କୌଣସି ହିସାବ, ନା କୌଣସି ପୁସ୍ତକ, ୱାକଫ ଯାହା କହିବ ତାହା ଠିକ୍' । ୱାକଫ୍ ବିଲ୍ ଉପରେ କଥାବାର୍ତ୍ତା କରୁଥିବା ସମୟରେ ଅନୁରାଗ ଠାକୁର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନଙ୍କ ନାମ ନେଇଥିଲେ, ଯାହା ପରେ ଗୃହରେ ହଟ୍ଟଗୋଳ ହୋଇଥିଲା ।



# ବିହାର ନିର୍ବାଚନ ପାଇଁ କଂଗ୍ରେସ ପ୍ରସ୍ତୁତ

**ପାଟନା,୫।୪(ଏଜେନ୍ସି):** ଏବେ କଂଗ୍ରେସ ବିହାରର ନୂତନ ଜିଲ୍ଲା ସଭାପତିଙ୍କ ତାଲିକା ପ୍ରକାଶ କରିଛି, ଯେଉଁଥିରେ ରାହୁଲ ଗାନ୍ଧୀଙ୍କ ନୂଆ ରଣନୀତି ଦୃଶ୍ୟମାନ ହେଉଛି । ରାହୁଲ ଜାତିଗତ ଜନଗଣନା ଘୋଷଣା କରିଛନ୍ତି ଏବଂ ସଂରକ୍ଷଣର ୫୦ ପ୍ରତିଶତ ସୀମା ଭଙ୍ଗ କରିବାକୁ କହିଛନ୍ତି । ଏପରି ପରିସ୍ଥିତିରେ, କଂଗ୍ରେସ ସଂଗଠନରେ ଏହି ଦିଗରେ ପଦକ୍ଷେପ ନେବା ପରେ, ଏବେ ବିହାରରେ ପ୍ରକାଶିତ ୪୦ ଟି ଜିଲ୍ଲାର ସଭାପତି ତାଲିକାରେ ଏହା ସ୍ପଷ୍ଟ ଦେଖିବାକୁ ମିଳୁଛି । ସାମଗ୍ରିକ ଭାବରେ, ହିନ୍ଦୁତ୍ୱର ମୁକାବିଲା ପାଇଁ ରାହୁଲ ନିରନ୍ତର ଜାତି ରାଜନୀତି ଉପରେ ଗୁରୁତ୍ୱାରୋପ କରୁଥିବା ରାଜନେତିକ ସମୀକ୍ଷକ ମତପୋଷଣ କରିଛନ୍ତି । ଯେତେବେଳେ ରାହୁଲ ଗାନ୍ଧୀ ବିହାର ଗସ୍ତରେ ଯାଇଥିଲେ । ସେ ତାଙ୍କ ଭାଷଣରେ ସ୍ପଷ୍ଟ କରିଥିଲେ ଯେ, କଂଗ୍ରେସ ଏବେ ବିହାରରେ ସବର୍ଣ୍ଣ ଜାତି ସହିତ ପଛୁଆ ଏବଂ ଦଳିତଙ୍କୁ ସ୍ଥାନ ଦେବାକୁ ଯାଉଛି । କିନ୍ତୁ ଯେଉଁ ତାଲିକା ବାହାରିଛି, ସେଥିରେ ସର୍ବାଧିକ ସ୍ଥାନ ସବର୍ଣ୍ଣ ଜାତିକୁ ଦିଆଯାଇଛି ଏବଂ ସର୍ବନିମ୍ନ ସ୍ଥାନ ଦଳିତଙ୍କୁ ଦିଆଯାଇଛି । କଂଗ୍ରେସ ଜଣେ ଦଳିତ ଚେହେରା ରାଜେଶ କୁମାରଙ୍କୁ ବିହାର କଂଗ୍ରେସର ରାଜ୍ୟ ସଭାପତି କରିଛି । ରାହୁଲ ଗାନ୍ଧୀ ସମସ୍ତ ଜିଲ୍ଲା ସଭାପତିଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦେଇଛନ୍ତି । ସୂତ୍ର ଅନୁସାରେ, ରାହୁଲ ଗାନ୍ଧୀ ସଭାପତିମାନଙ୍କୁ ଭୋଟର ତାଲିକା ଉପରେ ନଜର ରଖିବାକୁ କହିଛନ୍ତି ।

# ଜାତୀୟ ଶିକ୍ଷାନୀତିକୁ ସୋନିଆଙ୍କ ସମାଲୋଚନା

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଜାତୀୟ ଶିକ୍ଷାନୀତି ୨୦୨୦କୁ ନେଇ ମୁହାଁମୁହିଁ ଦୁଇ ବରିଷ୍ଠ ନେତା । ଏକ ସମ୍ପାଦକୀୟ ଜରିଆରେ ଏନଇପିକୁ ସମାଲୋଚନା କରିଛନ୍ତି ରାଜ୍ୟସଭା ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ । ଇଂରାଜୀ ଖବର କାଗଜ ଦ ହିନ୍ଦୁର ଏକ ଖବରକାଗଜରେ ସୋନିଆ ଲେଖିଛନ୍ତି, ଜାତୀୟ ଶିକ୍ଷା ନୀତି ୨୦୨୦ ଜରିଆରେ କେନ୍ଦ୍ର ସରକାର ଥ୍ରୀସି ଏଜେଣ୍ଡାକୁ ପ୍ରୋତ୍ସାହନ ଦେଉଛନ୍ତି । ଏହି ଥ୍ରୀ ସି ହେଉଛି ସେଣ୍ଟ୍ରାଲାଇଜେସନ୍, କମର୍ସିଆଲାଇଜେସନ୍ ଓ କମ୍ୟୁନାଲିଜମ୍ । ସୋନିଆଙ୍କ କହିବାର ଅର୍ଥ ଏନଇପି ଜରିଆରେ କେନ୍ଦ୍ରିକରଣ, ବ୍ୟବସାୟୀକରଣ ଏବଂ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରୁଛନ୍ତି କେନ୍ଦ୍ର ସରକାର । ସୋନିଆ ନିଜ ଲେଖା ଜରିଆରେ ମୋଦୀ ସରକାରଙ୍କୁ ସମାଲୋଚିତ କରିଛନ୍ତି । ମୋଦୀ ସରକାର ଦେଶରେ ଶିକ୍ଷା ଢାଞ୍ଚାକୁ ଦୁର୍ବଳ କରୁଥିବା ଅଭିଯୋଗ କରିଛନ୍ତି ସୋନିଆ। ସରକାରୀ ସ୍କୁଲ ବଦଳରେ ବେସରକାରୀ ସ୍କୁଲକୁ ପ୍ରାଧାନ୍ୟ ଦିଆଯାଉଥିବା ନିଜ ଆର୍ଟିକିଲରେ ଅଭିଯୋଗ କରିଛନ୍ତି ସୋନିଆ। ସୋନିଆଙ୍କ ଆର୍ଟିକିଲର ଜବାବ ରଖିଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଧର୍ମେନ୍ଦ୍ର ନିଜର ଏକ ଆର୍ଟିକଲ ଜରିଆରେ ଏନଇପିକୁ ପ୍ରଶଂସା କରିଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଏନଇପି ଆଣିବ ଦେଶରେ ନବଜାଗରଣ । ଶିକ୍ଷା କ୍ଷେତ୍ରରେ ଆସିବ ବୈପ୍ଳବିକ ପରିବର୍ତ୍ତନ । ଆଗାମୀ ଦଶନ୍ଧିରେ ଶିକ୍ଷାରେ ନବଜାଗରଣ ସୃଷ୍ଟି ହେବ । ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଏନଇପି ସର୍ବୋତ୍କୃଷ୍ଟ ପ୍ରକ୍ରିୟା ବୋଲି ଧର୍ମେନ୍ଦ୍ର କହିଛନ୍ତି ।



# ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟକୁ ମିଳିଛି ୧୪ ପ୍ରତିଶତ ଅଧିକ ଦାନ

**ମୁମ୍ବାଇ,୫।୪(ଏଜେନ୍ସି):** ଚଳିତବର୍ଷ ମୁମ୍ବାଇର ସିଦ୍ଧିବିନାୟକ ମନ୍ଦିର ଟ୍ରଷ୍ଟ ପ୍ରଭାଦେବୀଙ୍କୁ ମିଳିଛି ୧୩୩ କୋଟି ଟଙ୍କା । ୨୦୨୩-୨୪ ମସିହାରେ ଟ୍ରଷ୍ଟକୁ ୧୧୪ କୋଟି ଟଙ୍କା ଦାନ ମିଳିଥିବା ବେଳେ ୨୦୨୪-୨୫ ମସିହାରେ ଏହା ୧୪ ପ୍ରତିଶତ ବୃଦ୍ଧି ପାଇ ୧୩୩ କୋଟିରେ ପହଞ୍ଚିଛି । ବର୍ଷ ୨୦୨୪-୨୫ରେ ସବୁଠୁ ଅଧିକ ଦାନ ପାଇଥିବା ମନ୍ଦିର ହୋଇଛି ସିଦ୍ଧି ବିନାୟକ। ମାର୍ଚ୍ଚ ୩୧ ତାରିଖରେ ଟ୍ରଷ୍ଟର ଅଧ୍ୟକ୍ଷ ସଦାନନ୍ଦ ସର୍ବାଙ୍କର ଦ୍ୱାରା ଚାଳିତ ପରିଚାଳନା କମିଟି ଏହି ବାର୍ଷିକ ବଜେଟ୍ ରିପୋର୍ଟ ପ୍ରଦାନ କରିଛି । ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଦାନ ବ୍ୟତୀତ ମନ୍ଦିର ପାଣ୍ଠିକୁ ଲଡୁ ବିକ୍ରି, ନଡ଼ିଆ ବିକ୍ରି ଓ ପୂଜା ବିଧି ଆଦି ବିଭିନ୍ନ ଦିଗରୁ ଟଙ୍କା ମିଳିଥାଏ । ଅନୁମାନ କରାଯାଉଛି ବର୍ଷ ୨୦୨୫-୨୬ ରେ ଏହା ଦେଢ ଶହ କୋଟି ପାର ହୋଇପାରେ । ନଗଦ ଦାନ ସହ ଦେଶବିଦେଶରୁ ଅନଲାଇନ ଦାନ ମଧ୍ୟ ମିଳିଥାଏ । ପ୍ରସିଦ୍ଧ ସିଦ୍ଧି ବିନାୟକଙ୍କ ଭକ୍ତଙ୍କ ତାଲିକା କିଛି କମ ନୁହେଁ । ସାଧାରଣ ଭକ୍ତଠୁ ନେଇ ସେଲିବ୍ରେଟି । ଆଶୀର୍ବାଦ ପାଇଁ ଗଣପତିଙ୍କ ଶରଣାପନ୍ନ ହୁଅନ୍ତି ।



ଭୁବନେଶ୍ୱର, ରବିବାର, ୦୬ ଏପ୍ରିଲ ୨୦୨୫
Bhubaneswar, Sunday 06,April, 2025

ମଇଦାନ୍

ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ



# କର୍ପୋରେଟ୍ ସେକ୍ଟରରେ ଆଇପିଏଲ ଫିଭର୍

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଭାରତର ଅନେକ ବଡ଼ ବଡ଼ କମ୍ପାନୀ ତାଙ୍କ କର୍ମଚାରୀଙ୍କୁ କାମ ସହିତ ଓଟଖ ର ମଜା ଉଠାଇବା ପାଇଁ ମଧ୍ୟ ସୁବିଧା ଦେଉଛନ୍ତି । ଆଉ ଏଥିପାଇଁ କର୍ପୋରେଟ୍ ସେକ୍ଟରର ଅଫିସ୍ ଭିତରେ ଓଟଖ ଦେଖିବାକୁ ନେଇ ଖାସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ତେବେ ଆସନ୍ତୁ ଜାଣିବା ଏହି ବଡ଼ ବଡ଼ କମ୍ପାନୀ ନିଜର ଲାଭ କରିବା ସହ ଆଇପିଏଲର ଭଲ ରୋଜଗାର କେମିତି କରୁଛନ୍ତି ।

ବର୍ତ୍ତମାନ ଇଣ୍ଡିଆନ୍ ପ୍ରିମିଅର୍ ଲିଗ୍ (ଓଟଖ) ଖାଲି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହୋଇନାହିଁ ବରଂ ଏହା ବ୍ୟବସାୟ ଫେଷ୍ଟିଭାଲ୍ ମଧ୍ୟ ପାଲଟି ସାରିଛି । ଭାରତର ଅନେକ ବଡ଼ ବଡ଼ କମ୍ପାନୀ ତାଙ୍କ କର୍ମଚାରୀଙ୍କୁ କାମ ସହିତ ଓଟଖ ର ମଜା ଉଠାଇବା ପାଇଁ ମଧ୍ୟ ସୁବିଧା ଦେଉଛନ୍ତି । ଆଉ ଏଥିପାଇଁ କର୍ପୋରେଟ୍ ସେକ୍ଟରର ଅଫିସ୍ ଭିତରେ ଓଟଖ ଦେଖିବାକୁ ନେଇ ଖାସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ତେବେ ଆସନ୍ତୁ ଜାଣିବା ଏହି ବଡ଼ ବଡ଼ କମ୍ପାନୀ ନିଜର ଲାଭ କରିବା ସହ ଆଇପିଏଲର ଭଲ ରୋଜଗାର କେମିତି କରୁଛନ୍ତି ।

ୱାର୍କ ଫ୍ରେଣ୍ଡଲି ଓଟଖ ସ୍କ୍ରିନିଙ୍ଗ୍ : ଏହି ସବୁ କମ୍ପାନୀ ଅଫିସରେ ଲାଇଭ୍ ମ୍ୟାଚ୍ ସ୍କ୍ରିନିଙ୍ଗର ବ୍ୟବସ୍ଥା କରିଥାଏ । ଯାହାଦ୍ୱାରା କର୍ମଚାରୀ ଉଭୟ କାମକୁ କାମ କରିବେ ଏବଂ ଖେଳକୁ ଖେଳ ଦେଖିବେ ।



ଫନ୍ ଆକ୍ଟିଭିଟି ଏବଂ କୁଇଜ୍ : ଓଟଖ ସହ ଜଡ଼ିତ ଥିବା କୁଇଜ୍ , ଗେମ୍ସ ଏବଂ ପ୍ରଡକ୍ସନ୍ ଲିଗ୍ ମଧ୍ୟ କର୍ମଚାରୀଙ୍କ ଭିତରେ ଲୋକପ୍ରିୟ ହେଉଛି ।

ଫ୍ଲେକ୍ସିବଲ୍ ୱାର୍କିଙ୍ଗ୍ ଆୱାର୍ : କିଛି କମ୍ପାନୀ ଓଟଖ ର ରାତ୍ରିକାଳୀନ ମ୍ୟାଚକୁ ଧ୍ୟାନରେ ରଖି କର୍ମଚାରୀଙ୍କୁ ମନମୁତାବକ ଅଫିସ୍ ସ୍କେଡ୍ୟୁଲ୍ ଅଫର୍ କରୁଛନ୍ତି ।

କର୍ପୋରେଟ୍ ସେକ୍ଟରକୁ କାହିଁକି ପସନ୍ଦ ଓଟଖ ?

ଟିମ୍ ସ୍ପିରିଟ୍ ଏବଂ ଏଙ୍ଗେଜମେଣ୍ଟ : କମ୍ପାନୀ ଅନୁସାରେ ଓଟଖ କର୍ମଚାରୀଙ୍କ ମଧ୍ୟରେ ଟିମୱାର୍କକୁ ମଜଭୁତ କରିଥାଏ ।

ବ୍ୟବସାୟ ଏବଂ ବ୍ରାଣ୍ଡିଙ୍ଗ୍ ପାଇଁ ବଡ଼ ମଉକା : ଓଟଖ ସମୟରେ ବିଭିନ୍ନ ବ୍ରାଣ୍ଡକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାର ବଡ଼ ମଉକା ମିଳିଥାଏ ।

କଷ୍ଟମର ଏଙ୍ଗେଜମେଣ୍ଟ : ଅନେକ କମ୍ପାନୀ ଓଟଖ ଜରିଆରେ ଗ୍ରାହକଙ୍କୁ ସ୍ପେଶାଲ୍ ଅଫର୍ ଦେଇଥାଏ ।

କର୍ପୋରେଟ୍ ସଂସ୍କୃତିରେ ଓଟଖ ର ନୂଆ ଟ୍ରେଣ୍ଡ୍ : ବର୍ତ୍ତମାନ ଆଇପିଏଲ୍ କେବଳ ପ୍ରଶଂସକଙ୍କ ମଧ୍ୟରେ ସୀମିତ ହୋଇନାହିଁ , ବରଂ ଅଫିସ୍ କଲଚରରେ ମଧ୍ୟ ନିଜକୁ ସାମିଲ୍ କରିଛି । ଟ୍ବରବଙ୍କ ଝକ୍ତ୍ରକ୍ଟକ୍ସପ୍ସ ନିଜ କାର୍ଯ୍ୟାଳୟର ସବୁ ଫ୍ଲୋରରେ ଲାଇଭ୍ ମ୍ୟାଚର ସ୍କ୍ରିନିଙ୍ଗ୍ ବ୍ୟବସ୍ଥା କରିଛି । କର୍ମଚାରୀଙ୍କ ପାଇଁ ନୂଆ ନୂଆ ଗେମ୍ସ ଭଳି ଏଆଇ-ପାୱାର୍ଡ ବଡି ମୋସନ୍ ବ୍ୟାଲେସିଙ୍ଗ୍ , ଗରପ୍ସବଝଷକ୍ଟପ୍ସ କ୍ରିକେଟ୍ , 'ଉବପ୍ସମଷ ଝଷର ଇବକ୍ଷଷ' ଏବଂ 'ଇକ୍ଟଙ୍ଗଷ ଙଙ୍କପ୍ସ ଉଷବକ୍ଷକ୍ଷରଭଶର' ଆୟୋଜିତ କରାଯାଇଛି । ଏହାଛଡ଼ା , କର୍ମଚାରୀଙ୍କୁ ନିଜ ମନପସନ୍ଦ ଦଳର ଜର୍ସି ପିନ୍ଧିବା ପାଇଁ ମଧ୍ୟ କମ୍ପାନୀ ପ୍ରେରିତ କରୁଛି ।

# କ୍ରିକେଟର ନ ହୋଇଥିଲେ ଗ୍ୟାଙ୍ଗଷ୍ଟର ହୋଇଥାନ୍ତି

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଯଦି ଜଣେ କ୍ରିକେଟର କହିବେ ଯେ ଯଦି ସେ ଖେଳ ଦୁନିଆକୁ ଆସି ନ ଥାଆନ୍ତେ, ତେବେ ସେ ହୁଏତ ଜଣେ ଗ୍ୟାଙ୍ଗଷ୍ଟର ହୋଇଥାଆନ୍ତେ, ତେବେ ଆପଣ କ'ଣ ଏହାକୁ ବିଶ୍ୱାସ କରିପାରିବେ ? ଏହି କାହାଣୀଟି ପାକିସ୍ତାନ କ୍ରିକେଟ ଦଳର ସ୍ପିନ୍ ବୋଲର ସାଜିଦ ଖାନଙ୍କର । ସାଜିଦ ଗତ କିଛି ମାସ ମଧ୍ୟରେ ପାକିସ୍ତାନର ଟେଷ୍ଟ ଦଳର ଶ୍ରେଷ୍ଠ ଖେଳାଳିମାନଙ୍କ ମଧ୍ୟରୁ ଜଣେ, ସେ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚ୍ ଖେଳି ୫୯ଟି ୱିକେଟ୍ ନେଇଛନ୍ତି । ନିକଟରେ ଏକ ଗଣମାଧ୍ୟମ ସାକ୍ଷାତକାରରେ ସେ କହିଥିଲେ ଯେ ଯଦି ସେ ଜଣେ କ୍ରିକେଟର ହୋଇନଥାନ୍ତେ, ତେବେ ସେ ହୁଏତ ଜଣେ ଗ୍ୟାଙ୍ଗଷ୍ଟର ହୋଇଥାନ୍ତେ ।



ତେବେ ଗ୍ୟାଙ୍ଗଷ୍ଟର ହେବାକୁ ଇଚ୍ଛା କାହିଁକି ହୋଇଥିଲା ବୋଲି ଯେତେବେଳେ ପଚରାଯାଇଥିଲା, ଏନେଇ ସେ କିଛି ଜବାବ ଦେଇନଥିଲେ ଆଉ ଏହି ସାକ୍ଷାତକାରର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି ସାଜିଦ ଖାନଙ୍କୁ ପଚରାଯାଇଥିଲା ଯେ ଯଦି ସେ କ୍ରିକେଟର ନ ହୋଇଥାନ୍ତେ ତେବେ ସେ କଣ କରିଥାନ୍ତେ ? ପାକିସ୍ତାନୀ ସ୍ପିନର ତୁରନ୍ତ ଉତ୍ତର ଦେଲେ, ମୁଁ ଜଣେ ଗ୍ୟାଙ୍ଗଷ୍ଟର ହୋଇଥାନ୍ତି । ଏହି ଆଲୋଚନା ସମୟରେ, ସାକ୍ଷାତକାରର ଉପସ୍ଥାପକ କହିଥିଲେ ଯେ ସାଜିଦ କ୍ରିକେଟ୍ ପଡ଼ିଆରେ ମଧ୍ୟ ଜଣେ ଗ୍ୟାଙ୍ଗଷ୍ଟର ଭଳି ଦେଖାଯାନ୍ତି । ଏହି ସମୟରେ ସାଜିଦ ଖାନ ପୂର୍ବତନ ପାକିସ୍ତାନ ଦଳର ଅଧିନାୟକ ବାବର ଆଜମଙ୍କୁ ବିଶ୍ୱର ସର୍ବୋତ୍ତମ କ୍ରିକେଟର ବୋଲି କହିଥିଲେ । ତଥାପି, ସେ ବିରାଟ କୋହଲିଙ୍କୁ ଇତିହାସର ସର୍ବୋତ୍ତମ ଭାରତୀୟ କ୍ରିକେଟର ବୋଲି ମଧ୍ୟ କହିଥିଲେ । ଯଦି ଆମେ ବାବର ଆଜମ ଏବଂ ବିରାଟ କୋହଲିଙ୍କ ତୁଳନା କରିବା, ତେବେ ୧୩୦ଟି ଦିନିକିଆ ମ୍ୟାଚରେ, ବାବର ଏପର୍ଯ୍ୟନ୍ତ ୧୩୦ଟି ଦିନିକିଆ ମ୍ୟାଚ୍ ଖେଳି ୫୫.୨୨ ହାରରେ ୬,୧୮୫ ରନ୍ କରିଛନ୍ତି । ସମାନ ସଂଖ୍ୟକ ଦିନିକିଆ ମ୍ୟାଚ୍ରେ, ବିରାଟ କୋହଲି ୫୧.୮୬ ହାରରେ ୫୪୪୫ ରନ୍ କରିଥିଲେ ।

# ଧାମରାରେ ଓଡିଆ ପକ୍ଷ ପାଳନ ଏବଂ ଗଣଦୌଡ

**ଭଦ୍ରକ,୫।୪(ମହାଭାରତ):** ଓଡିଶା ଦିବସ ଠାରୁ ଓଡିଆ ନବବର୍ଷ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିବା ପରିପ୍ରେକ୍ଷୀରେ ଆଜି ଧାମରାରେ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଧାମରାଇ ମନ୍ଦିର ଠାରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ପତାକା ଦେଖାଇ ସକାଳ ୭.୩୦ମିନଟରେ ଏହାକୁ ଶୁଭାରମ୍ଭ କରିଥିଲେ । ଏହି ଗଣଦୌଡ ଧାମରାଇ ମନ୍ଦିର ନିକଟରୁ ଆରମ୍ଭ ହୋଇ ପ୍ରଥମେ ଗଙ୍ଗାମାତା ପଡିଆ ହୋଇ ଧାମରା ବସଷ୍ଟାଣ୍ଡରେ ଶେଷ ହୋଇଥିଲା । ଆଜି ହୋଇଥିବା ଏହିଗଣଦୌଡରେ ମା ଧାମରାଇ ନୋଡାଲ ହାଇସ୍କୁଲ,ଧାମରାଇ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ର ଏବଂ ଧାମରା ଆଠ ପଂଚାୟତର ବହୁ ଯୁବ ଗୋଷ୍ଠୀ ଏହି ଗଣ ଦୌଡରେ ସାମିଲ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଟୁଲୁ ପ୍ରଧାନ,ପ୍ରଦ୍ୱୀପ ରାଉତ ବାପୁଜୀ ମାଝୀ,କାର୍ତିକ ଗୁଡିଆ, ପାପା ଜେନା,ଚନ୍ଦ୍ର ଶେଖର ଜେନା, ବିପିନ ବେହେରା, ମନୋଜ ଲେଙ୍କା,ରବିନ୍ଦ୍ର ବାରିକ ,ନରହରି ମଲିକ, ପିଏମ ଶ୍ରୀ ଧାମରାଇ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଟୁନା ମହାଲିକ, ଧାମରାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ବେହେରା ଙ୍କ ସହ ଧାମରା ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ରଗବୀକୁ ଲୋକପ୍ରିୟ କରାଇବାରେ କିଟ୍ ଓ କିସର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୫।୪(ମହାଭାରତ):** ଓଡ଼ିଶା ତଥା ଦେଶରେ ରଗ୍ବୀ ଖେଳକୁ ପ୍ରୋତ୍ସାହିତ ଓ ଲୋକପ୍ରିୟ କରିବାରେ କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଇଣ୍ଡଷ୍ଟିଆଲ୍ ଟେକ୍ନୋଲୋଜି (କିଟ୍) ଓ କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସେସ୍ (କିସ୍) ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛି । ଯଦିଓ ରଗ୍ବୀ ଅନେକ ବିଦେଶୀ ରାଷ୍ଟ୍ରରେ ଏକ ଲୋକପ୍ରିୟ ଖେଳ ଭାବରେ ପରିଚିତ, ଭାରତରେ ଏହି ଖେଳ ଅପେକ୍ଷାକୃତ ସେତେଟା ଲୋକପ୍ରିୟ ନ ଥିଲା । ଅବଶ୍ୟ କିଟ୍ ଓ କିସ୍ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ନେତୃତ୍ୱ, ପ୍ରୋତ୍ସାହନ ଓ ମାର୍ଗଦର୍ଶନ ବଳରେ ସମ୍ପ୍ରତି ଏହି ଖେଳ ଓଡ଼ିଶା ତଥା ଭାରତରେ ଲୋକପ୍ରିୟ ହୋଇପାରିଛି । ୨୦୦୫ରୁ ଏହି ଖେଳରେ ଗ୍ରହଣୀୟତା ଓ ଲୋକପ୍ରିୟତା ବେଶ୍ ଉତ୍ସାହଜନକ ଓ ପ୍ରେରଣାଦାୟୀ । ବିଶ୍ୱସ୍ତରୀୟ ଭିତ୍ତିଭୂମି ସାଙ୍ଗକୁ ପେଷାଦାର ପ୍ରଶିକ୍ଷକଙ୍କ ଉଚ୍ଚମାନର ତାଲିମ ଫଳରେ କିସ୍ ଆଜି ଏହି ଖେଳରେ ବିଶେଷ ପ୍ରତିଷ୍ଠା ଓ ସ୍ୱୀକୃତି ଅର୍ଜନ କରିପାରିଛି ।



ଆଦିବାସୀ ସମ୍ପ୍ରଦାୟରୁ ପ୍ରତିଭାବାନ ଖେଳାଳିଙ୍କ ଉଚ୍ଚମାନର ପ୍ରଦର୍ଶନ ସେମାନଙ୍କୁ ଆଣିଦେଇଛି ଅନ୍ତର୍ଜାତୀୟ ପ୍ରସିଦ୍ଧି । ୨୦୧୧ରେ ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଆୟୋଜିତ ୧୩ ବର୍ଷରୁ କମ୍ ବୟସ ବର୍ଗରେ ଆନ୍ତର୍ଜାତୀୟ ରଗ୍ବୀ ପ୍ରତିଯୋଗୀତାରେ କିସ୍ ବିଜୟ ହାସଲ କରି ଇତିହାସ ରଚିଥିଲା । ଏହି ପ୍ରତିଯୋଗିତାରେ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଥାଇଲାଣ୍ଡ ଏବଂ ତ୍ରିନିଦାଦ୍ ଓ ଟବାଗୋ ଭଳି ୬ଟି ଦେଶର ଶକ୍ତିଶାଳୀ ଦଳ ବିପକ୍ଷରେ କିସ୍ର ବିଜୟ ଭାରତୀୟ ରଗ୍ବୀ ପାଇଁ ନୂଆ ଯୁଗ ସୃଷ୍ଟି କରିଥିଲା । ସଫଳତାର ଧାରକୁ ଆଗକୁ ନେଇ ୨୦୧୪ ମସିହାରେ ୧୩ ବର୍ଷରୁ କମ୍ ବୟସର ବାଳିକା ବର୍ଗରେ କିସ୍ ବାଳିକା ରଗ୍ବୀ ଦଳ ଭାରତର ପ୍ରତିନିଧିତ୍ୱ କରି ଟୁରେଡ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ବିଜୟ ପ୍ରାପ୍ତ ହୋଇ ଚମ୍ପିଆନ୍ସ ଟ୍ରଫି ହାସଲ କରିଥିଲା । ଲଣ୍ଡନର ସମ୍ମାନଜନକ ସାରାସେନ୍ସ ଆଲାଏଞ୍ଜ ପାର୍କରେ ଅନୁଷ୍ଠିତ ଏହି ମ୍ୟାଚରେ କିସ୍ର ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା ଯାହା ତୃଣମୂଳ ସ୍ତରରେ ରଗ୍ବୀ ଖେଳର ପ୍ରସାର ଓ ବିକାଶ କ୍ଷେତ୍ରରେ କିସ୍ର ଖ୍ୟାତିକୁ ଆହୁରି ପ୍ରତିଷ୍ଠା ପ୍ରଦାନ କରିଥିଲା । ଭାରତର ବରିଷ୍ଠ ରଗ୍ବୀ ଦଳରେ କିସ୍ର ଯୋଗଦାନ ବେଶ୍ ଉଲ୍ଲେଖନୀୟ । ୨୦୧୯ରେ ଏସିଆ ମହିଳା ଡ଼ିଭିଜନ୍-୧ ରଗ୍ବୀ ଚମ୍ପିଅନ୍ସିପରେ ଭାରତର ଐତିହାସିକ କାଂସ୍ୟ ପଦକ ହାସଲରେ କିସ୍ ଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ରଗ୍ବୀ ପ୍ରତିଭାଙ୍କ ବିକାଶ ସହିତ କିଟ୍ ଓ କିସ୍ ଇଣ୍ଡିଆନ୍ ରଗ୍ବୀ ୟୁନିଅନ୍ର ସହଭାଗିତାରେ ଉଭୟ ତୃଣମୂଳ ଓ ଉଚ୍ଚମାନର ପ୍ରଦର୍ଶନ କ୍ଷେତ୍ରରେ ବିଶେଷ ଭାବରେ ପ୍ରୋତ୍ସାହିତ କରିଆସୁଛି । ରଗ୍ବୀ ଇଣ୍ଡିଆର ସହଯୋଗୀ ପ୍ରାୟୋଜକ ଭାବରେ ଭାରତର ଏକମାତ୍ର ବିଶ୍ୱବିଦ୍ୟାଳୟ କିଟ୍-କିସ୍ ରଗ୍ବୀ ଖେଳ ପାଇଁ ତାର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ।

# ଦୁଇ ହାତରେ ବୋଲିଂ କରୁଛନ୍ତି କାମିନ୍ଦୁ ମେଣ୍ଡିସ୍

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଆପଣ ଅନେକ ଅନ୍ତର୍ଜାତୀୟ ମ୍ୟାଚ ଦେଖିଥିବେ । ଅନେକ ବ୍ୟାଟ୍ସମ୍ୟାନ, ବୋଲରଙ୍କ ଖେଳ ବି ଦେଖିଥିବେ । କିଏ ବାମ ହାତରେ ବୋଲିଂ କରେ ତ କିଏ ଡାହାଣ ହାତରେ ହେଲେ ଆପଣ ଏମିତି କେବେ ଦେଖିନଥିବେ ଯିଏ ଉଭୟ ବାମ ଓ ଡାହାଣ ହାତରେ ବୋଲିଂ କରୁଥିବ । ଏହା ଶୁଣି ଆପଣଙ୍କୁ ନିଶ୍ଚିତ ଆଶ୍ଚର୍ଯ୍ୟ ଲାଗୁଥିବ । ଆମକୁ ବି ଲାଗିଥିଲା । କାରଣ ଯିଏ ଡାହାଣ ହାତରେ ବୋଲିଂ କରନ୍ତି ସେ ବାମ ହାତରେ କଲେ ତାଙ୍କୁ କଷ୍ଟ ହୋଇଥାଏ ବା ସେମାନେ ଲାଇନ ଭୁଲି ଯାଆନ୍ତି । ହେଲେ ଆଇପିଏଲରେ ଏମିତି ଜଣେ ବିରଳ ବୋଲରଙ୍କୁ ଦେଖିବାକୁ ମିଳିଛି, ଯିଏ ଉଭୟ ହାତରେ ବୋଲିଂ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି ।

ଏହି ଖେଳାଳି ଜଣକ ହେଉଛନ୍ତି ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ୍, ଯିଏ କୋଲକାତା ବିପକ୍ଷରେ ଆଇପିଏଲରେ ଡେବ୍ୟୁ କରିଥିଲେ । ସେ ନିଜ ଡେବ୍ୟୁ ମ୍ୟାଚରେ ହିଁ ଦୁଇ ହାତରେ ବୋଲିଂ କରି କୋଲକାତା ବ୍ୟାଟ୍ସମ୍ୟାନଙ୍କୁ ଚମକାଇ ଦେଇଥିଲେ । ଏହି ମ୍ୟାଚରେ କାମିନ୍ଦୁ ମେଣ୍ଡିସ ଗୋଟିଏ ଓଭର ବୋଲିଂ କରି ୪ ରନ ଦେଇ ଗୋଟିଏ ୱିକେଟ ନେଇଥିଲେ । ତାଙ୍କ ବଲକୁ ବୁଝିବା କୋଲକାତା ବୋଲରଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଥିଲା ।

କୋଲକାତା ଓ ହାଇଦ୍ରାବାଦ ବିପକ୍ଷରେ ଖେଳାଯାଉଥିବା ଏହି ମ୍ୟାଚରେ କୋଲକାତା ବିଜୟୀ ହୋଇଛି । ଟସ ଜିତି ହାଇଦ୍ରାବାଦ ଏହି ମ୍ୟାଚରେ ବୋଲିଂ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ପାଇଁ ମୈଦାନକୁ ଆସିଥିବା କୋଲକାତାର ଦୁଇ ଓପନର ବିଫଳ ହୋଇଥିଲେ । ଏହାପରେ ଅଙ୍ଗକ୍ରିସ ରଘୁବଂଶୀ ଓ ଭେଙ୍କଟେଶ ଆୟାର ଦମଦାର ପାର୍ଟନରସିପ କରିଥିଲେ । ଅଙ୍ଗକ୍ରିସ ୫୦ ରନରେ ଖେଳୁଥିଲା ବେଳେ ସେ ବିରଳ ବୋଲର କାମିନ୍ଦ ମେଣ୍ଡିସଙ୍କ ଶିକାର ହୋଇଥିଲେ । କୋଲକାତା ଏହି ମ୍ୟାଚରେ ୨୦୦ ରନ କରିଥିଲା । ହେଲେ ହାଇଦ୍ରାବାଦ ଏହି ବିଜୟ ଲକ୍ଷ୍ୟକୁ ପୂରା କରିପାରିନଥିଲା । ଫଳରେ ୮୦ ରନରେ ପରାଜିତ ହୋଇଥିଲା । ହାଇଦ୍ରାବାଦ ପକ୍ଷରୁ କାମିନ୍ଦ କେବଳ ବୋଲିଂରେ ନୁହେଁ ବ୍ୟାଟିଂରେ ବି କମାଲ କରିଥିଲେ । ସେ ୨୦ ବଲରେ ୨୭ ରନ ହାସଲ କରିଥିଲେ ଯେଉଁଥିରେ ୧ ଚୌକା ଓ ୨ ଛକା ସାମିଲ ଅଛି ।

କାମିନ୍ଦୁ ମେଣ୍ଡିସ୍ ଶ୍ରୀଲଙ୍କାର ଜଣେ ବ୍ୟାଟିଂ ଅଲରାଉଣ୍ଡର । ସେ ଶ୍ରୀଲଙ୍କା ପାଇଁ ୧୨ ଟେଷ୍ଟ ମ୍ୟାଚ ଖେଳି ୧ ହଜାର ୧୮୪ ରନ କରିଛନ୍ତି ।

# କେନ୍ଦୁଝରର ଠାରେ ଐତିହ୍ୟ ଗଣଦୌଡ଼

**କେନ୍ଦୁଝର,୫।୪(ମହାଭାରତ):** ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର୍ଯ୍ୟ, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ପଂଚମ ଦିବସରେ ଆଜି କେନ୍ଦୁଝରଠାରେ ଶ୍ରୀଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପ୍ରାଙ୍ଗଣରୁ ସିଦ୍ଧମଠ ଯାଏଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା ।ଏଥିରେ ଶହ ଶହ ସଂଖ୍ୟାରେ କେନ୍ଦୁଝରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ । କେନ୍ଦୁଝରର ଆରାଧ୍ୟ ରାଷ୍ଟ୍ରଦେବତା ଭାବେ ବିଦିତ ପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ବାବଦରେ ରହିଥିବା କିମ୍ବଦନ୍ତୀକୁ ଜୀବନ୍ତ କରି ଗଢ଼ି ତୋଳିବା ପାଇଁ ଏହି ଗଣଦୌଡ଼ରେ ଆଜି ଶହଶହ ଲୋକ ସାମିଲ ହୋଇଥିଲେ । ଏଥିସହିତ ଓଡ଼ିଆ ପକ୍ଷ ପାଳନର ଉତ୍ସାହ ସମସ୍ତଙ୍କ ମଧ୍ୟରେ ପରିଲକ୍ଷିତ ହୋଇଥିଲା । ଏଥିସହିତ ଏହି ପ୍ରାଚୀନ ମନ୍ଦିରର ବୈଭବକୁ ଯୁବପିଢ଼ିଙ୍କ ମଧ୍ୟରେ ଆହୁରି ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏଠାରେ ନିଜର ସେଲ୍ଫି ଉଠାଇ ଏହାକୁ ଓଡ଼ିଆ ପକ୍ଷ ପାଳନ ୱେବସାଇଟ୍ (ଓଡ଼ିଆପକ୍ଷ. କମ୍)ରେ ଅପଲୋଡ଼ ମଧ୍ୟ କରିଥିଲେ ।

ଆଜିର କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ଜେନା ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ମହାକୁଡ଼ ପ୍ରମୁଖ ସାମିଲ ହୋଇଥିଲେ ।

# ଓଡ଼ିଆ ପକ୍ଷ ଅବସରରେ ଗଣଦୌଡ଼

**ବଲାଙ୍ଗିର,୫।୪(ମହାଭାରତ):** ସମୃଦ୍ଧ ଶିଳ୍ପ-ସ୍ଥାପତ୍ୟ, କଳା-ଭାସ୍କର, ସାଂସ୍କୃତିକ ବିଭବ ଏବଂ ଐତିହ୍ୟ କୀର୍ତିରାଜିରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା । ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାରେ ରହିଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ବହୁଳ ପ୍ରଚାର ଓ ପ୍ରସାର କରିବା ଏବଂ ଯୁବପିଢ଼ିଙ୍କୁ ଏହାର ଗୌରବମୟ ଇତିହାସ ସମ୍ବନ୍ଧରେ ଅବଗତ କରାଇବା ନିମନ୍ତେ ରାଜ୍ୟବ୍ୟାପୀ ଆୟୋଜିତ ହେଉଛି ଐତିହ୍ୟ ଗଣଦୌଡ । ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଥମଥର କରି ପାଳନ କରାଯାଉଥିବା ଓଡ଼ିଆ ପକ୍ଷର ପଂଚମ ଦିବସରେ ଆଜି ବଲାଙ୍ଗିରଠାରେ କୋଶଳ କଳା ମଣ୍ଡଳ ପଡିଆରେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁଳ ସଂଖ୍ୟାରେ ବଲାଙ୍ଗିରର ଜନସାଧାରଣ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ନେସଲେ ଇଣ୍ଡିଆର ଆଗାମୀ କାରଖାନାର ଶିଳାନ୍ୟାସ

**ଭୁବନେଶ୍ୱର,୫।୪(ମହାଭାରତ):** ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ, ନେସଲେ ଇଣ୍ଡିଆର ଖୋର୍ଦ୍ଧାରେ ଆଗାମୀ କାରଖାନାର ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ଏହା ନେସଲେ ଇଣ୍ଡିଆର ଦଶମ ଏବଂ ଦେଶର ପୂର୍ବ ଭାଗରେ ପ୍ରଥମ କାରଖାନା ହେବ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ,ଖୋର୍ଦ୍ଧା ଜିଲ୍ଲାରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ଏକ ଅତ୍ୟାଧୁନିକ ସୁବିଧା ସ୍ଥାପନ କରିବାରେ ନେସଲେ ଇଣ୍ଡିଆ ଦ୍ୱାରା ହୋଇଥିବା ଅଗ୍ରଗତି ଦେଖି ମୁଁ ଖୁସି । ଏହି କାରଖାନା ନେସଲେ ଇଣ୍ଡିଆକୁ ନୂତନ ଉଚ୍ଚତା ଆରୋହଣ କରିବାକୁ ସକ୍ଷମ କରିବ । ନେସଲେର ପ୍ରୟାସକୁ ଆମେ ନିରନ୍ତର ସମର୍ଥନ ପ୍ରଦାନ କରିବୁ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ।

ଏହି ଅବସରରେ ନେସଲେ ଇଣ୍ଡିଆର ଅଧକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ସୁରେଶ ନାରାୟଣନ କହିଲେ, ମେକ୍ ଇନ ଇଣ୍ଡିଆ ପ୍ରତି ଦୃଢ଼ ସମର୍ଥନ ସହିତ ଆମେ ଓଡ଼ିଶାରେ ଆମର ଦଶମ କାରଖାନା ପ୍ରତିଷ୍ଠାର ସମ୍ପର୍କରେ ଘୋଷଣା କରିଛୁ । ଯାହା ଏକ ବଜାର ଭାବରେ ଭାରତର ଗୁରୁତ୍ୱକୁ ପୁନଃନିର୍ଦ୍ଦିଷ୍ଟ କରୁଛି । ଆମର ଯୋଜନା ଏବଂ ପ୍ରୟାସ ଫଳପ୍ରଦ ହେଉଥିବାର ଦେଖୁଥିବାରୁ ମୁଁ ବେଶ୍ ଆନନ୍ଦିତ । ଆମେ ନିଶ୍ଚିତ ଯେ, ଏହି ଆଗାମୀ କାରଖାନା ଆମ ବ୍ୟବସାୟରେ ସାହାଯ୍ୟ କରିବା ସହିତ ଲିଙ୍ଗ ବିବିଧତା, ସ୍ଥାୟୀ ଉତ୍ପାଦନ, କାଗଜବିହୀନ, ଡିଜିଟାଲି ପରିଚାଳିତ ସୁବିଧାର ଏକ ଉଦାହରଣ ସୃଷ୍ଟି କରିବା ସହିତ ପରିବେଶ ଉପରେ ଗୁରୁତ୍ୱାରୋପ କରିବ । କାରଖାନାଟି ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୯୦୦ କୋଟି ଟଙ୍କା ପ୍ରାରମ୍ଭିକ ନିବେଶ ସହିତ ପ୍ରତିଷ୍ଠା କରାଯାଉଛି ଏବଂ ଏହାର ଖାଦ୍ୟ (ପ୍ରସ୍ତୁତ ଖାଦ୍ୟ ଏବଂ ରୋଷେଇ ସହାୟକ) ପୋର୍ଟଫୋଲିଓରୁ ଉତ୍ପାଦ ଉତ୍ପାଦନ କରିବାକୁ ଯୋଜନା କରାଯାଇଛି । ନେସଲେ ଇଣ୍ଡିଆ ୧୯୬୧ ମସିହାରେ ପଞ୍ଜାବର ମୋଗାରେ ପ୍ରଥମ ଉତ୍ପାଦନ ସୁବିଧା ସ୍ଥାପନ କରିଥିଲା । ତାପରେ ୧୯୬୭ ମସିହାରେ ତାମିଲନାଡୁର ଚୋଲାଡି, ୧୯୮୯ ମସିହାରେ କର୍ଣ୍ଣାଟକର ନାଞ୍ଜନଗୁଡ, ୧୯୯୨ ମସିହାରେ ହରିଆଣାର ସମଲଖା, ୧୯୯୫ ଏବଂ ୧୯୯୭ ମସିହାରେ ଗୋଆର ପୋଣ୍ଡା ଏବଂ ବିଚୋଲିମ, ୨୦୦୬ ମସିହାରେ ଉତରାଖଣ୍ଡର ପନ୍ତନଗର ଏବଂ ୨୦୧୨ ମସିହାରେ ହିମାଚଳ ପ୍ରଦେଶର ଟାହଲିୱାଲରେ କାରଖାନା ପ୍ରତିଷ୍ଠା କରିଥିଲା ।

# ଫିଟ୍ଜି ପୁଣି କ୍ଲାସ ଆରମ୍ଭ କରିବ

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ଫୋରମ୍ ଫର ଆଇଆଇଟି-ଜେଇଇ (ଫିଟ୍ଜି) ପୂର୍ଣ୍ଣ ପ୍ରସ୍ତୁତି ସହିତ ତାହାର କ୍ଲାସ ପୁନଃ ଆରମ୍ଭ କରିବାକୁ ଯାଉଛି । ନିଜର ହଜାର ହଜାର ପଞ୍ଜିକୃତ ଛାତ୍ର ଛାତ୍ରୀଙ୍କ ନିକଟକୁ ଏକ ଇମେଲ୍ ପଠାଇ ଫିଟ୍ଜି ପରିଚାଳନା କର୍ତ୍ତୃପକ୍ଷ ଜୋର୍ଦେଇ କହିଛନ୍ତି ଯେ, ଅନ୍ଲାଇନ କ୍ଲାସ ତୁରନ୍ତ ଆରମ୍ଭ ହେବ ଏବଂ କ୍ଲାସରୁମ୍ ପାଠ୍ୟକ୍ରମ ମେ ମାସରେ ଆରମ୍ଭ କରାଯିବ । ଫିଟ୍ଜି ଏହି ଇମେଲ୍ ଏପ୍ରିଲ ୧ ଓ ୩ ତାରିଖରେ ସମସ୍ତ ଛାତ୍ରଛାତ୍ରୀଙ୍କ ନିକଟକୁ ପଠାଇଛି ।

ଉଲ୍ଲେଖଯୋଗ୍ୟ ଯେ ୨୦୨୪ ଡିସେମ୍ବର ଶେଷଭାଗ ଏବଂ ୨୦୨୫ ଜାନୁଆରୀ ମଧ୍ୟବର୍ତ୍ତୀ ସମୟରେ ଗାଜିଆବାଦ ଓ ନଏଡା ସମେତ ଅନେକ ଫିଟ୍ଜି ସେଣ୍ଟର ହଠାତ୍ ବନ୍ଦ କରିଦିଆଯାଇଥିଲା । ଏହାର ଛାତ୍ର ଛାତ୍ରୀ ଓ ସେମାନଙ୍କ ପିତା ମାତାଙ୍କ ନିକଟକୁ ଇମେଲ୍ ପଠାଇ ଫିଟ୍ଜେଇଇ କହିଥିଲା ଯେ କେତେକ ଆଭ୍ୟନ୍ତରୀଣ ବ୍ୟକ୍ତିବିଶେଷ ଏବଂ ବାହ୍ୟ ପ୍ରତିଦ୍ୱନ୍ଦ୍ୱୀ କୋଚିଂ ପ୍ରତିଷ୍ଠାନଗୁଡିକ ସେମାନଙ୍କ ସେଣ୍ଟର ଏବଂ ଫିଟ୍ଜିର ଭରସାଯୋଗ୍ୟତା ନଷ୍ଟ କରିବାକୁ ଷଡଯନ୍ତ୍ର କରିଥିଲେ । ସେମାନେ ସାମୟିକ ଭାବରେ ସଫଳ ହୋଇଥିବାବେଳେ ଫିଟ୍ଜି ପ୍ରତିଶ୍ରୁତି ଦେଇ କହିଥିଲା ଯେ, ଏହି ପ୍ରୟାସଗୁଡିକ ପରିଶେଷରେ ବିଫଳ ହେବ ଏବଂ ଏହି ପ୍ରତିଷ୍ଠାନ ନୂଆ ଉତ୍ସାହ ଓ ପ୍ରସ୍ତୁତି ସହିତ ଆଇଆଇଟି ନାମଲେଖା ନିମନ୍ତେ କୋଚିଂ ଆରମ୍ଭ କରିଛି । ଫିଟ୍ଜି ମଧ୍ୟ ଦାବିକରିଛି ଯେ ଏହାର ଅଧିକାଂଶ ସେଣ୍ଟର ସ୍ୱାଭାବିକ ଭାବରେ (ପୂର୍ବଭଳି) କାର୍ଯ୍ୟ କରୁଛି ଏବଂ ସେମାନେ ଏକ ଅପରାଧିକ ଷଡଯନ୍ତ୍ର କାରଣରୁ ବନ୍ଦ କରିବାକୁ ବାଧ୍ୟ ହୋଇଥିବା ସେଣ୍ଟରଗୁଡିକୁ ପୁନର୍ବାର ଖୋଲୁଛନ୍ତି ।

# ଭାରତରେ ସାମସଙ୍ଗର ଏସ୧୦ଏଫଇ ଶୃଙ୍ଖଳର ଶୁଭାରମ୍ଭ

**ନୂଆଦିଲ୍ଲୀ,୫।୪(ଏଜେନ୍ସି):** ସାମସଙ୍ଗ, ଭାରତର ଏକ ସର୍ବବୃହତ୍ ଗ୍ରାହକ ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ, ଆଜି ଏହାର ଗାଲାକ୍ସି ଟାବ ଏସ୧୦ଏଫଇ ଏବଂ ଗାଲାକ୍ସି ଟାବ ଏସ୧୦ଏଫଇ+ ଶୁଭାରମ୍ଭର ଘୋଷଣା କରିଛି, ତଥା ଏହି ଗାଲାକ୍ସି ଇକୋସିଷ୍ଟମ ପ୍ରିମିୟମ ଟାବଲେଟ ଡ଼ିଜାଇନ ଉପରେ ନୂତନ ପ୍ରବେଶ ପଏଂଟର ପ୍ରଦାନକାରୀ କରିଛି । ଏଥିରେ ସଜ୍ଜିତ ହୋଇରହିଛି ଗାଲାକ୍ସି ଟାବ ଏସ୧୦ଏଫଇ ଶୃଙ୍ଖଳର ଏପର୍ଯ୍ୟନ୍ତର ସବୁଠାରୁ ବୃହତ୍ ପରଦା ତଥା ପତଳା ବେଜେଲ ଯାହାକି ଏହି ଡ଼ିସପ୍ଲେକୁ ବିସ୍ତାର କରିଥାଏ, ଗାଲାକ୍ସି ଟାବ ଏସ୧୦ଏଫଇ+ କୌତୁହଳତା ଯୋଗାଇଥାଏ, ମନୋରଞ୍ଜନରୁ ନେଇ ଶିକ୍ଷଣୀୟ ଅଧ୍ୟୟନ ଏବଂ ଦୈନନ୍ଦିନ କାର୍ଯ୍ୟପ୍ରଣାଳୀ ଇତ୍ୟାଦିର ଆକର୍ଷଣୀୟ ଦୃଶ୍ୟପଟର ଅଭିଜ୍ଞତା ଏଥିରେ ଭରପୁର ହୋଇ ରହିଛି । ବ୍ୟବହାରକାରୀମାନଙ୍କୁ ସାମସଙ୍ଗର ବୁଦ୍ଧିମତା ବିଶେଷତ୍ୱ ଗୁଡ଼ିକ ଅଧିକ ସହଜ ସରଳ ହେବା ପାଇଁ ଏହା ସଶକ୍ତ କରିଥାଏ, ଯେତେବେଳେକି ଏହାର ପତଳା ଗଠନ ପ୍ରଣାଳୀ ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସୃଜନଶୀଳତା ତଥା ଉତ୍ପାଦନ କ୍ଷମତା ଗତିଶୀଳ ସଫଳତା ପାଇଁ ଅନେକ କିଛି ସାହାଯ୍ୟ କରିଥାଏ । "ସାମସଙ୍ଗରେ ଆମେ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କୁ ଏକ ବିଶ୍ୱସ୍ତରୀୟ ନବୀନତାର ସ୍ୱାଦ ପ୍ରଦାନ କରିବା ପାଇଁ ବଚନବଦ୍ଧ ଏବଂ ଆଜିର ଏହି ନୂତନ ଗାଲାକ୍ସି ଟାବ ଏସ୧୦ଏଫଇ ଶୃଙ୍ଖଳର ଶୁଭାରମ୍ଭ ସେହି ଦୃଷ୍ଟିକୋଣର ଏକ ଜ୍ୱଳନ୍ତ ପ୍ରମାଣ । ଏଫଇ ଟାବଲେଟ ସହିତ ଗାଲାକ୍ସି ଏଆଇ ସକ୍ଷମକାରୀତାର ଢ଼େଉକୁ ନେଇ ପୂର୍ବ ଅପେକ୍ଷା ଆମେ ଏଥିରେ ଅନେକ ଗୁଡ଼ିଏ ଆଧୁନିକ ଜ୍ଞାନକୌଶଳର ନୂତନତାକୁ ଗ୍ରହଣୀୟତା ପାଇଁ ରଖିଛୁ । ଗାଲାକ୍ସି ଏସ୧୦ଏଫଇ ଶୃଙ୍ଖଳ ଗାଲାକ୍ସି ବ୍ୟବହାରକାରୀମାନଙ୍କୁ ସେମାନଙ୍କର ସୃଜନଶୀଳ ତଥା ଉତ୍ପାଦକତା ପାଇଁ ସଶକ୍ତତାକୁ ସର୍ବାଧିକ ସ୍ତରକୁ ନେଇପାରିଛି, ତଥା ଭାରତରେ ଆମକୁ ଏହି ଟାବଲେଟ ସେଗମେଂଟର ବଜାରରେ ସାନ୍ତ୍ୱନାମୂଳକ ନେତୃତ୍ୱକାରୀତାର ଭାର ପ୍ରଦାନ କରିଛି" ମତବ୍ୟକ୍ତ କରି କହିଛନ୍ତି, ଆଦିତ୍ୟ ବବର, ଉପାଧ୍ୟକ୍ଷ, ଏମଏକ୍ସ ବିଜିନେସ, ସାମସଙ୍ଗ ଇଣ୍ଡିଆ । ଗାଲାକ୍ସି ଟାବ ଏସ ଶୃଙ୍ଖଳର ପାରମ୍ପରିକ ଐତିହ୍ୟ ଡ଼ିଜାଇନ ସହିତ, ପତଳା ବିଜେଲସର ମିଶ୍ରଣକୁ ନେଇ ଗାଲାକ୍ସି ଟାବ ଏସ୧୦ଏଫଇ+୧୩.୧ ଇଂଚ୍ରେ ଡ଼ିସପ୍ଲେ ବାସ୍ତବରେ ପୂର୍ବ ପୀଢ଼ିର ଗଠନ ଠାରୁ ୧୨% ବୃଦ୍ଧି ଅଟେ ଯାହାକି ଏହାର ପରଦାର ମନୋରଞ୍ଜନକୁ ଅଧିକ ଆକର୍ଷଣୀୟ କରିପାରିଛି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ